ମହାଶ୍ୱେତା— ରାଜପୁତ୍ର ! ଏଠାରେ ଉପବେଶନ କରିଥାଅ । ମୁଁ ସୁଦ୍ଧା ଏବେ ଆସିବି । (ନିଷ୍କ୍ରାନ୍ତ)

ଚନ୍ଦ୍ରାପୀଡ଼— ଏହି ଅଜନକକନକ ଆଶ୍ଚର୍ଯ୍ୟପରଂପରା ଉଦ୍ଧର୍ଷଣରେ ଅନ୍ତର କେବେ ସୌଭାଗ୍ୟ ଘଟାଇବ ?

ମାଳିନୀ ବୃତ୍ତ ।

ଭୁଜଗବଦନଯୁଗ୍ମ ଶୀଳ ଅଚ୍ଛୋଦନୀର,
ସ୍ମରହର ବରଧାମ ପ୍ରେମଗୀତ ପ୍ରଚୁର,
ଶୁଣିଲ ପରମ ଘୋରେ ହଂସକନ୍ୟା ଚରିତ୍ର,
ପୁଣି କି ଲଭିବ ହା କାଦମ୍ବରୀ ଦେଖି ନେତ୍ର ।

ଚତୁର୍ଥାଙ୍କ ସମ୍ପୂର୍ଣ୍ଣ ।

—॰O॰✻॰O॰—

# ପଞ୍ଚମ ଅଙ୍କ ।

—※※※—

( ଦୃଶ୍ୟ କାଦମ୍ବରୀ ଅନ୍ତଃପୁର । କାଦମ୍ବରୀ ଓ କେୟୂରକ ପ୍ରବେଶ )

କାଦମ୍ବରୀ—ତାହାଙ୍କ ବୟସ କେତେ ?

କେୟୂରକ—ତାରୁଣ୍ୟର ମନୋମୁଗ୍ଧକର ଲକ୍ଷଣ ତାହାଙ୍କଠାରେ ସ୍ପଷ୍ଟ ପ୍ରତୀୟମାନ ହେଉଅଛି । ଅତଏବ ବୟସ ବିଂଶ ବା ଏକବିଂଶ ବର୍ଷ ହୋଇଥିବ ।

କାଦମ୍ବରୀ—( ସ୍ୱଗତ ) ସେ କ ପୁଣ୍ଡରୀକ ହୋଇଥିବେ ? ଏହା ଅସମ୍ଭବ । କାରଣ ତାହାଙ୍କର ଏବଂ ମହାଶ୍ୱେତାର ବିୟୋଗ ଆଜକୁ ପ୍ରାୟ ଏକବିଂଶ ବର୍ଷ ହେଲା । ( ବିତର୍କ ) ପୁଣ୍ଡରୀକ ସୁଦ୍ଧା ଦେବଲୋକବାସୀ ( ଆମ୍ଭମାନଙ୍କ ପରି ତାହାଙ୍କ ଯୌବନ ସହସା ନଷ୍ଟ ହୋଇ ନ ପାରେ । ( ପ୍ରକାଶ ) କେୟୂରକ ! ତାହାଙ୍କ ରୂପ କିପରି ?

କେୟୂରକ—ଦେବ ! ତାହାଙ୍କ ରୂପ ଏପରି ବୋଲି ବର୍ଣ୍ଣିବା ମୋହର ଅଶକ୍ୟ । ତ୍ରିଭୁବନସୁନ୍ଦର ରତିକାନ୍ତ ସୁଦ୍ଧା ତାହାଙ୍କ ଅଗ୍ରରେ କୁରୂପ ପ୍ରତୀତ ହେବ । ତାହାଙ୍କ ଅଙ୍ଗସୌଷ୍ଠବ ଅତ୍ୟନ୍ତ ରମଣୀୟ । ସେ ବିଶାଳ ବକ୍ଷସ୍ଥଳ, ସେ ଦୀର୍ଘବାହୁ, ସେ ସୁହାସ୍ୟ ବଦନ, ସେ ସରଳ ଉଚ୍ଚ ନାସିକା, ସେ

କମଳଦଳ ନେତ୍ର, ସେ ବିସ୍ତୀର୍ଣ୍ଣ ଭାଲଦେଶ, ଏବେ କଥା
ନାହିଁକ ? ପ୍ରତ୍ୟେକ ଅବୟବ ସର୍ବଶୋଭାକର ।

କାଦମ୍ବରୀ—ତାହାଙ୍କ ସଙ୍ଗେ କଥୋପକଥନ କଲୁ ? ସେ କଣ କହଲେ ?

କେୟୂରକ—ମୋ ସହିତ ତାହାଙ୍କର କୌଣସି ପ୍ରସଙ୍ଗ ଥିଲି ନାହିଁ, ଅତଏବ
କଥାବାର୍ତ୍ତା ହୋଇ ପାର ନାହିଁ ।

କାଦମ୍ବରୀ—ସେ କଏ ? କାହାର ପୁତ୍ର ? ତାହାଙ୍କ ନାମ କଣ ? ଏ ସକଳ
ଜାଣିଛୁ ?

କେୟୂରକ—ନାହିଁ ।

କାଦମ୍ବରୀ—ମହାଶ୍ୱେତା ସହିତ ସେ ଏଠାକୁ ଆସିବେ ?

କେୟୂରକ—ତାହା ସୁଦ୍ଧା ମୁଁ କହି ପାରବ ନାହିଁ ।

( ମଦଲେଖା ପ୍ରବେଶ )

ମଦଲେଖା—ଦେବ କାଦମ୍ବର ! ମହାଶ୍ୱେତା ଆସିଅଛନ୍ତି ।

କାଦମ୍ବରୀ—କାହିଁ କାହିଁ ? ( ଉଠିବା )

( ମହାଶ୍ୱେତା ପ୍ରବେଶ )

କାଦମ୍ବରୀ—( ସସମ୍ଭ୍ରମ ମହାଶ୍ୱେତାଙ୍କୁ ଆଲିଙ୍ଗନ କର ) ପ୍ରିୟସଖି ! ତୁ
ସେହି ସୁକୋମଳ ସ୍ୱଭାବ ତ୍ୟାଗ କର ସମ୍ପ୍ରତି କେଡ଼େ
ନିଷ୍ଠୁର ହୋଇ ଗଲୁ ?

ମହାଶ୍ୱେତା—ସଖି ! ମୋହର କି ଅପରାଧ ଦେଖି ଏପର କହୁଅଛୁ ?

କାଦମ୍ବରୀ— ଅଞ୍ଜଳୀ ଗୀତ ।

ତୁ ଏତେକାଳ ଥିଲେ ବନବାସେ,
ନିଜ ଜନବର୍ଗ ମର୍ମ୍ମେ ହୁତାଶେ,
କପର ଯାତନା ହେବ ମାନସେ
ନ ଭାବିଲୁ ତ ଲବେ ।

ମହାଶ୍ୱେତା—ଏହାହିଁ ମୋହର ଅପରାଧ ? ତୁ ସକଳ ବୃତ୍ତାନ୍ତ ଜାଣି ଶୁଣି ଏହା କହିବା ଉଚିତ କି ?

କାଦମ୍ବରୀ—ହେଉ, ତୋ ପ୍ରତି ମୋ ହୃଦୟଧର୍ମ୍ମ ତୁ ସମ୍ପୂର୍ଣ୍ଣରୂପେ ବୁଝି ସୁଦ୍ଧା ତରଳିକାଦ୍ୱାରା ତୁ ବିବାହ ସ୍ୱୀକାର କର ଏହି ଦାରୁଣ ସନ୍ଦେଶ କାହିଁକି ପଠାଇଲୁ ?

ମହାଶ୍ୱେତା—ସଖି ! ଏହା ଦାରୁଣ ସନ୍ଦେଶ କିପରି ? ମୁଁ ଅବଶ୍ୟ ସଖୀର କର୍ତ୍ତବ୍ୟ କରିଅଛି ।

କାଦମ୍ବରୀ—ହଁ ବୁଝିଲି, ମତେ ଏ ପାଶ ଲଗାଇ ଦେଇ ତୁ ସର୍ବଦା ସଙ୍ଗ-ବର୍ଜିତା ହୋଇ ରହିବା କାମନା କରିଅଛୁ । କିନ୍ତୁ ମୁଁ ଏଡ଼େ ଅବିବେକିନୀ ନୁହେ ଯେ ତତେ ବନରେ ଦୁଃଖିନୀ ଛାଡ଼ି ଭୋଗ ବିଳାସରେ ମଜ୍ଜିବି ।

ମହାଶ୍ୱେତା—ସଖି ! ଏପରି ନୀଚ କାମନା ସ୍ୱପ୍ନରେ ସୁଦ୍ଧା ମୁଁ ମନେ କରି ନାହିଁ ।

କାଦମ୍ବରୀ—ତେବେ ବିବାହ କର ବୋଲି କାହିଁକି ପ୍ରବଳ ଅନୁରୋଧ କରି-ଥିଲୁ ? ସେତେବେଳେ ତୋ ମନରେ ଏହା ଜାତ ହେଲା ନାହିଁ ଯେ କିପ୍ରକାରରେ ଯେଉଁ ନିର୍ଦ୍ଦୟ ମଦନ ତୋହର ଏ ଦୁର୍ଦ୍ଦଶା କରିଅଛି, ତାହାଠାରେ ଜାଣି ଶୁଣି କିପରି ମୁଁ ନିଜେ ଆତ୍ମସମର୍ପଣ କରିବି ?

ମହାଶ୍ୱେତା— (ସ୍ୱଗତ) ମୋ ମନୋଗତ ପ୍ରସଙ୍ଗ ନିକଟ ହୋଇ ଆସୁଅଛି । ହେଉ, କିପରି ଆତ୍ମସମର୍ପଣ ନ କରିବ, ଦେଖାଯିବ ।

କାଦମ୍ବରୀ— କାହିଁକି ମୌନଭାବ ଧରିଲୁ ? ଏଥିର ଉତ୍ତର ଦେ ।

ମହାଶ୍ୱେତା— ଏଥିର ଉତ୍ତର ତ ଦେବି, କିନ୍ତୁ ତତେ ଭେଟିବାଲାଗି ଜଣେ ଅତିଥି ଆସିଅଛନ୍ତି । ଏବେ ଚାଲ, ଆମ୍ଭେ ଦୁହେଁ ଯାଇଁ ତୋହର ବସନ୍ତଭବନରେ ବସିବା ।

କାଦମ୍ବରୀ— ସେ ଅତିଥି କିଏ ?
ମହାଶ୍ୱେତା— ଚାଲ ସେହିଠାରେ ସବୁ କହିବି ।

( ସମସ୍ତେ ନିଷ୍କ୍ରାନ୍ତ )

( ଚନ୍ଦ୍ରାପୀଡ଼ ତରଳିକା ପ୍ରବେଶ )

ଚନ୍ଦ୍ରାପୀଡ଼— ତରଳିକେ ! ଭଗବତୀ ମହାଶ୍ୱେତାଙ୍କ ଋଣରୁ ମୁଁ କିପରି ମୁକ୍ତ ହେବି ? ଦେଖ କେବଳ ତାହାଙ୍କ ପ୍ରସାଦରୁ ମନୁଷ୍ୟ-ଗମ୍ୟର ବହିର୍ଭୂତ ଏହି ଗନ୍ଧର୍ବ ଲୋକକୁ ମୁଁ ପ୍ରତ୍ୟକ୍ଷ ସହିତ ଦେଖିବାକୁ ସମର୍ଥ ହେଲି । ଏଠାରେ ଯେଉଁ ଯେଉଁ ପଦାର୍ଥ ସକଳ ଦୃଷ୍ଟିରେ ପଡ଼ୁଅଛି, ସେ ସକଳ ଅପୂର୍ବ । ଏ ରାଜଧାନୀର ସୌନ୍ଦର୍ଯ୍ୟ ଦେଖିବା ପୂର୍ବେ ମୁଁ ଯେପରି ଅନୁମାନ କରିଥିଲି, ଏବେ ତଦପେକ୍ଷା ଅଧିକ ବୋଧ ହେଉଅଛି ।
ତରଳିକା— ମହାରାଜ ! ଏ କନ୍ୟାନ୍ତଃପୁର, ଚାଲ ଭିତରକୁ ଯିବା ।
ଚନ୍ଦ୍ରାପୀଡ଼— ( ଆଗକୁ ଯାଇ ) ଆହା ହା ! ତରଳିକେ ! ଅନେକ ତରୁଣ-କନ୍ୟକା ବିବିଧପ୍ରକାର ମନୋହର ବ୍ୟବସାୟରେ ବ୍ୟସ୍ତ ହୋଇ ଏଣେ ତେଣେ ଦେହଧାରିଣୀ ସୌଦାମିନୀ ତୁଲ୍ୟ ଭ୍ରମଣ କରୁଅଛନ୍ତି । ଏ ସମସ୍ତେ କିଏ ?
ତରଳିକା— ମହାରାଜ ! ଏ ସମସ୍ତେ ଦେବୀ କାଦମ୍ବରୀଙ୍କ ଦାସୀଜନ ।
ଚନ୍ଦ୍ରାପୀଡ଼— ଏ ସମସ୍ତେ କାଦମ୍ବରୀଙ୍କ ଦାସୀ ? ମତେ ଏହା ପ୍ରତୀତ ହୁଏ ନି —

ରାଗ କାଫି, ତାଳ ରୂପକ । ହର ଦିନ ମନକର ପ୍ରଭୁ । ୩୮ ।

ଅଦଭୁତ ନବଯୁବତୀଧାମ,
ଆହା ଦିଶଇ କି ଅଭିରାମ । ପଦ ।

ସୁନ୍ଦସ୍ୱପୁରନନ୍ଦୀତସ୍ୟ, ଲୋକନସ୍ୟ ନର ସଂତସ୍ୟ,
ଦେଇଛନ୍ତି ବିହି ନିଷ୍ଟସ୍ୟ ନାସ୍ତି ସର୍ଗ ନାମ । ୧ ।
ସୃଷ୍ଟିବାକୁ ପ୍ରାଣିଜଗତ, ଶାଣି ଯତ୍ନେ ସମ୍ଭାହିତ,
ସାଛ ରଖିଛୁ କ ଲଳତ ରୂପଅଷ୍ଟଗ୍ରାମ । ୨ ।

ତରଳନେ ! ନିଜ ରୂପରେ ରତି ତିରସ୍କାରକାରିଣୀ ଏମାନେ ଯାହାଙ୍କ ଦାସୀଗଣ, ସେହି କାଦମ୍ବରୀ କିପରି ହୋଇଥିବେ ? ତାହାଙ୍କୁ କେବେ ଦେଖିବା ?

ତରଳିକା — ମହାରାଜ ! ଏଣିକି ଅଗ୍ରେ ଗମନ କରନ୍ତୁ । ( ଯାଉ ଯାଉ) ଦେଖ ମହାରାଜ ! ପଲ୍ୟଙ୍କୋପରି ବିରାଜମାନା ଦେବୀ କାଦମ୍ବରୀ ।

( ପଲ୍ୟଙ୍କୋପବିଷ୍ଟା ମହାଶ୍ୱେତା ଓ କାଦମ୍ବରୀ )

ଚନ୍ଦ୍ରାପୀଡ଼ — ( ଦେଖି ଅତ୍ୟାନନ୍ଦାଶ୍ଚର୍ଯ୍ୟ ସ୍ୱଗତ )

ରାଗ ବସନ୍ତ, ତାଳ ରୂପକ । ଦେଖ ଦେଖ ଶ୍ୟାମଳା ପ୍ରଭା । ୩୯ ।

ଆ ହା କେହ ଦେଖିଲି କ ବିଚିତ୍ର ଶୋଭା,
ଅନଙ୍ଗର ସୁମଙ୍ଗଳ ଜଙ୍ଗମ ପ୍ରଭା । ପଦ ।
ସଂସାରର ସାର ସାର ସୁଷମା ଆଣି,
ଶାଟେଣୀ ଛିଡ଼ି ମଣିମତ ଧାତା ନିର୍ମିଣି,
ରଖିଛୁ କି ଧରାତଳେ ଅତରପ୍ରଭା । ୧ ।
ବର୍ଣ୍ଣିବେ ଶେଷ ଅଶେଷ ବଦନ ବହି
ରସିକାବର କାସିକା ଶୋଭା ଅନାଇ
ରସାଇଲେ ଲୁଚେ ହୋଇ ହୀନପ୍ରଭା । ୨ ।
କି ପସନ୍ନ ଚନ୍ଦ୍ରବନ୍ଦ୍ୟ ବଦନ ଆଜ,
ସହସ୍ରାକ୍ଷ ହୋଇଥିଲେ ଦେଖନ୍ତି ମଜ୍ଜି,
ଏହି ମନ୍ମଥାରୂପା ଲୁହୁନଗଭା । ୩ ।

ଏହାଙ୍କ ଦର୍ଶନ କରି ମୋ ଚକ୍ଷୁ ମନ ଆଦି ସର୍ବେନ୍ଦ୍ରିୟ ଆନନ୍ଦାମୃତହ୍ରଦରେ ମଗ୍ନଅଛି ।

ତରଳିକା — ମହାରାଜ ! ମୁଁ ଯାଇଁ ଆପଣଙ୍କ ଆଗମନ ଜଣାଇବି ।

ଚନ୍ଦ୍ରାପୀଡ଼ — ତାହା କର ।

{ତରଳିକା ଜଣାଇବା, ଦୁହେଁ ଉଠିବା, ଚନ୍ଦ୍ରାପୀଡ଼ ଓ କାଦମ୍ବରୀ ପରସ୍ପର ଏକଦୃଷ୍ଟିରେ ଚାହିଁବା}

ମହାଶ୍ୱେତା — ସଖି କାଦମ୍ବରି ! ଭାରତବର୍ଷର ପ୍ରାତଃସ୍ମରଣୀୟ ରାଜା ତାରାପୀଡ଼ଙ୍କର ଏ ସକଳ ସୁଗୁଣାକର ପୁତ୍ର, ଏହାଙ୍କ ନାମ ଚନ୍ଦ୍ରାପୀଡ଼, ଦିଗ୍ବିଜୟ-ପ୍ରସଙ୍ଗରେ ଏ ସ୍ଥାନରେ ଉପନୀତ ହୋଇଅଛନ୍ତି, ଏ ମୋହର ଅକାରଣ ବନ୍ଧୁ, ମୋ ଚିତ୍ତ-ବୃତ୍ତି ସର୍ବସଙ୍ଗବିରକ୍ତ ହେଲେ ସୁଦ୍ଧା ଏହାଙ୍କ ଗୁଣଗଣରେ ଆକୃଷ୍ଟ ହୋଇଅଛି ।

(ଚନ୍ଦ୍ରାପୀଡ଼ଙ୍କ) କୁମାର ! ଏହି ମୋ ପ୍ରିୟସଖୀ କାଦମ୍ବରୀ ।

ଚନ୍ଦ୍ରାପୀଡ଼ — ଦେବି କାଦମ୍ବରି ! ମୁଁ ପ୍ରଣାମ କରୁଅଛି ।

ମହାଶ୍ୱେତା — କୁମାର ! ଏହି ସୁବର୍ଣ୍ଣାସନକୁ ଅଲଙ୍କୃତ କର । (ଜନାନ୍ତିକେ) ସଖି ! ତୁ ସୁଦ୍ଧା ପ୍ରତିପ୍ରଣାମ କର ।

କାଦମ୍ବରୀ — (ମୌନରେ ପ୍ରତିପ୍ରଣାମ କରିବା)

ଚନ୍ଦ୍ରାପୀଡ଼ — ଏତେ ସତ୍କାରର ଆବଶ୍ୟକତା କଣ ? ଦେବି ! ଆସନରେ ବିରାଜମାନ ହୁଅ ।

(ସମସ୍ତେ ବସିବା)

କାଦମ୍ବରୀ — (ସ୍ୱଗତ) ଏହାଙ୍କ ରୂପ ଓ ମଦନରୂପ ଗୁଣପ୍ରଭାବରେ କେଉଁ ରମଣୀର ଧୈର୍ଯ୍ୟଚ୍ୟୁତି ନ ହେବ ? ହାୟ ! ମହାଶ୍ୱେତା ମୋଠାରୁ ତରଳିକାଦ୍ୱାରା ସନ୍ଦେଶ ପଠାଇବା ପୂର୍ବେ ଏହାଙ୍କ ଦର୍ଶନ ହୋଇଥିଲେ ଉତ୍ତମ ହୋଇଥାନ୍ତା ।

ଚନ୍ଦ୍ରାପୀଡ଼— ( ସ୍ୱଗତ ) ଦର୍ଶନାବଧି ମୋ ଅନ୍ତଃକରଣ ଏବଂ ବହିର୍ଦ୍ଦେଶ ଆଉ ଏ ମନ୍ଦିରର ସର୍ବସ୍ଥାନ କାଦମ୍ବରୀମୟ ହୋଇଅଛି । ମଣିକୁଟ୍ଟିମ, ରତ୍ନଭିତ୍ତି, ସ୍ଫଟିକସ୍ତମ୍ଭ ପ୍ରଭୃତି ସର୍ବତ୍ର ସେହି ପ୍ରତିବିମ୍ବିତ । ଅତଏବ ଚର୍ମ୍ମଚକ୍ଷୁ ଏବଂ ଜ୍ଞାନଚକ୍ଷୁ ଏ ଉଭୟରେ ସୁଦ୍ଧା ଇନ୍ଦ୍ରଜାଲକୃତ ବିଶ୍ୱମୋହିନୀ ପ୍ରତିମାତୁଲ୍ୟ ଗନ୍ଧର୍ବ-ରାଜକନ୍ୟା ବିରାଜମାନା ।

ମହାଶ୍ୱେତା— ସଖି କାଦମ୍ବରି ! ଏ ମୋହର ଅତ୍ୟନ୍ତ ଆତ୍ମବନ୍ଧୁ ହୋଇ-ଥିବାରୁ ମୋ ସଙ୍ଗେ ଏହାଙ୍କୁ ତୋ ନିକଟକୁ ଆଣିଅଛି । ଅତଏବ ମୁଁ ତୋହର ଯାଦୃଶ ସଦ୍ଭାବର ପାତ୍ର, ଏହାଙ୍କୁ ସୁଦ୍ଧା ସେହିପରି ଭାବନା କର, ଅଧିକ କଣ କହିବି ?

କାଦମ୍ବରୀ— ( ଜନାନ୍ତିକେ ) ସଖି ! ମତେ ଏତେଦୂର ବୁଝାଇବା ଆବଶ୍ୟକ କଣ ? ଅଳ୍ପ ସମୟ ସହବାସରୁ ଯେ ତୋହର ଏତେ ଗୌରବର ପାତ୍ର, ସେହିପରି ମୋହର ହେବାରେ ବାଧକ କଣ ?

ମହାଶ୍ୱେତା— ( ସ୍ୱଗତ ) ତାହାହିଁ ମୋ ସଂକଳ୍ପ । (ପ୍ରକାଶ) ମହାଭାଗ ! ମୁଁ କହିଲାପରି ଗନ୍ଧର୍ବଲୋକ ଦ୍ରଷ୍ଟବ୍ୟ କି ନାହିଁ ?

ଚନ୍ଦ୍ରାପୀଡ଼— ଭଗବତି ! ଏ କଣ କହୁଅଛ ? ଏ ଗନ୍ଧର୍ବ ଲୋକ ହିଁ ଜଗତର ମୋହନ ପଦାର୍ଥସଙ୍ଘର ସଂଗ୍ରହ ପରି ପ୍ରତୀତ ହେଉ-ଅଛି । ତନ୍ମଧ୍ୟରେ ଦେବୀଙ୍କ ଦର୍ଶନଦ୍ୱାରା ମୁଁ କୃତକୃତ୍ୟ ହୋଇଅଛି ।

କାଦମ୍ବରୀ— ସଖି ମହାଶ୍ୱେତେ ! ଯାହାକୁ ଦେଖିଲେ ତାହାକୁ ପ୍ରଶଂସା କରିଇବା ତୋହର ସ୍ୱଭାବ । ହେଉ, ବହୁକାଳ ପରେ ପ୍ରକ-ଟିତ ପ୍ରଣୟିଜନଦତ୍ତ ଏହି ତାମ୍ବୂଳ ଗ୍ରହଣ କର । ( ତାମ୍ବୂଳ ଦେବା )

ମହାଶ୍ୱେତା— ସଖି କାଦମ୍ବରି ! ଆମ୍ଭେ ସମସ୍ତେ ମିଳି ନବାଗତ କୁମାର ଚନ୍ଦ୍ରାପୀଡ଼ଙ୍କୁ ଅଭ୍ୟର୍ଥନା କରିବା ଉଚିତ । ଅତଏବ ପ୍ରଥମେ ଏହାଙ୍କୁ ତାମ୍ବୂଳ ଦିଅ ।

କାଦମ୍ବରୀ— ( ଜନାନ୍ତିକେ ) ପ୍ରିୟସଖି ! ତାଦୃଶ ପରିଚୟ ଅଭାବରୁ ମୋହର ଲଜ୍ଜା ଜାତ ହେଉଅଛି, ତୁ ନେଇ ଏହାଙ୍କୁ ଦେ ।

ମହାଶ୍ୱେତା— ସଖି ! ଗୌରବରୁ ପରିଚୟ ଆରମ୍ଭ ହୁଏ ।

ରାଗ କାମ୍ବୋଦୀ, ତାଳ ଆଟ । ଫୁଲରହ ସୁନ୍ଦର ପ୍ରଭୁ । ୪୦ ।

ମୃଦୁହାସି ମନ୍ଦରସ୍ତନା, ବନ୍ଦନୀୟ ଅଭିଷ୍ଟ ଅନା
ସୁନ୍ଦରବଦନା । ପଦ ।
ଆସିଲେ ତୋହର ବାସକୁ, ଋଷି ସଦନସ୍ଥ ଋଷକୁ
କର ସମ୍ଭାବନା ।
ଲାଜଭରେ ଲପନଶଣୀ ଗଜଗେମା ସ୍ତନକଲଶୀ
ଉପରେ ରଖ ନା । ୧ ।

କାଦମ୍ବରୀ— ( ଲଜ୍ଜାରେ ମହାଶ୍ୱେତା ମୁଖକୁ ଚାହିଁ ଚନ୍ଦ୍ରାପୀଡ଼ଙ୍କୁ ତାମ୍ବୂଳ ବଢ଼ାଇଦେବା )

ଚନ୍ଦ୍ରାପୀଡ଼— ( ତାମ୍ବୂଳ ଗ୍ରହଣ କରି ) ଅନୁଗୃହୀତ ହେଲି ।

ନେପଥ୍ୟେ— ଭର୍ତ୍ତୃଦାରିକେ କାଦମ୍ବରି ! ଏହି ଦୁରାତ୍ମର ଦୁର୍ବିନୀତ କୀର ବହୁଙ୍କ ସର୍ବଦା ମୋ ପଛେ ପଛେ ଲାଗି ମତେ ଅତି ବିରକ୍ତ କରୁଅଛି, ଏହାକୁ କାହିଁକି ନିଷେଧ କରୁ ନାହିଁ ? ଯେବେ ତୁମ୍ଭେ ଏ ବିଷୟରେ କିଛି ନ କହିବ, ତେବେ ତୁମ୍ଭ ଚରଣ ଛୁଇଁ କହୁଛି କି ମୁଁ ଆଉ ପ୍ରାଣ ରଖିବି ନାହିଁ ।

ମହାଶ୍ୱେତା—ମଦଲେଖେ ! ଏ କି ବୃତ୍ତାନ୍ତ ?

ମଦଲେଖା—ଏ କାଳନ୍ଦୀନାମ୍ନୀ ଭର୍ତ୍ତୃଦାରିକା କାଦମ୍ବରୀଙ୍କ ଶାରିକା; ଏହାକୁ ଦେଖି ପରିହାସ ନାମକ ଶୁକସହିତ ବିବାହ କରାଇଅଛନ୍ତି ।

ମହାଶ୍ୱେତା—ଏ ଦୁହିଙ୍କର କଳହ କାହିକି ?

ମଦଲେଖା— ଆଜ ପ୍ରାତଃକାଳରେ ଦେବୀଙ୍କ ତାମ୍ବୂଲକରଙ୍କବାହିନୀ ତମାଳିକା ସଙ୍ଗେ ଏ ଶୁକ ଏକାନ୍ତରେ ବସି ପାଠ କରୁଥିଲା, ତାହା ଦେଖି କାଳିନ୍ଦୀ ଈର୍ଷାନ୍ୱିତା ହୋଇ ସେତେବେଳୁଁ ଏହା ସଙ୍ଗେ କଥା କହୁ ନାହିଁ, ଚାହୁଁ ନାହିଁ, ଛୁଉଁ ନାହିଁ । ଆମ୍ଭେମାନେ କେତେ ପ୍ରବୋଧନା କଲେ ସୁଦ୍ଧା ପ୍ରସନ୍ନା ହେଉ ନାହିଁ ।

ଚନ୍ଦ୍ରାପୀଡ଼—( ମନ୍ଦହାସରେ ) ଏ କଥା ଅନେକ ଲୋକଙ୍କଠାରୁ ମୁଁ ଶୁଣିଅଛି କି ଦେବୀ କାଦମ୍ବରୀଙ୍କ ପରିହାସ ନାମକ ଶୁକ ତମାଳିକା ଉପରେ ଅତ୍ୟନ୍ତ ଆସକ୍ତ ହୋଇଅଛି । ସେ ପକ୍ଷିଜାତି ହୋଇ-ଥିବାରୁ ତାହାର କଳଙ୍କ ପରିତ୍ୟାଗ କର୍ତ୍ତବ୍ୟତାକୁ ମୁଁ କେତେ ଖତିର କରୁ ନାହିଁ । କିନ୍ତୁ ଦେବୀ କାଦମ୍ବରୀ ସେ ଚପଳା ଦୁଷ୍ଟଦାସୀ ତମାଳିକାକୁ କାହିଁକି ନିବାରଣ କରୁ ନାହାନ୍ତି ? ଏଥିଦ୍ୱାରା ଦେବୀଙ୍କ ନିଃସ୍ପୃହତା ଜଣାଗଲା, ଯାହା ଏହି ସରଳା ଶାରିକାକୁ ଏହି ଦୁର୍ବିନୀତ ଶୁକ ସଙ୍ଗେ ବିବାହ କରାଇଲେ । ଏବେ ଏ ବରାକୀ କଣ କରିବ ? ହେଉ କି ସାପତ୍ନ୍ୟଭାବ ନାରୀମାନଙ୍କର ପ୍ରଧାନ କୋପକାରଣ ଏବଂ ପରିଭବସ୍ଥାନ । ଏ ଶାରିକା ସୁଦ୍ଧା ଅତି ଧୀରା, ଯାହା ଏ ଦୁଷ୍ଟ ଶୁକର ମନକାର୍ଯ୍ୟ ହେଉରୁ ବିଷ ପାନ ବା ଅନଳ ପ୍ରବେଶ କରୁ ନାହିଁ ।

( ସମସ୍ତେ ହସିବା )

ନେପଥ୍ୟେ—ରାଜପୁତ୍ର ! ମୋ ପ୍ରିୟା ନିପୁଣା, ଏହାକୁ ତୁମ୍ଭେ ଅବା ଅନ୍ୟ କେହି ପ୍ରତାରଣା କରି ପାରିବ ନାହିଁ । ଏ ବକ୍ରୋକ୍ତି ବୁଝି ପାରେ ଏବଂ ପରିହାସଜଳ୍ପିତ ଜାଣେ, ରାଜକୁଳ ସମ୍ପର୍କରୁ

ଏହାର ମଧ ସୁଦ୍ଧା ଚତୁର, ତେବେ ଏ ଆୟାସ କାହିଁକି ?
ନବର୍ତ୍ତି, ତୁମ୍ଭର କୁଳଙ୍ଗନାଙ୍କ ସ୍ୱଭାବର ଏ ଫଳ ନୁହେ ।

(କଞ୍ଚୁକୀ ପ୍ରବେଶ)

କଞ୍ଚୁକୀ—ଆୟୁଷ୍ମତି ମହାଶ୍ୱେତେ ! ମହାରାଜ ଚିତ୍ରରଥ ଏବଂ ଦେବୀ ମଦିରା ତୁମ୍ଭଙ୍କୁ ଦେଖିବାଲାଗି ଆହ୍ୱାନ କରୁଅଛନ୍ତି ।

ମହାଶ୍ୱେତା—ତେବେ ଏହିକ୍ଷଣି ଆସୁଅଛୁ ବୋଲି ଜଣାଅ ।

କଞ୍ଚୁକୀ—ସେହିପରି ଜଣାଇବ । (ନିଷ୍କ୍ରାନ୍ତ)

ମହାଶ୍ୱେତା—ସଖି କାଦମ୍ବରି ! କୁମାର ଚନ୍ଦ୍ରାପୀଡ଼ କେଉଁଠାରେ ରହିବେ ?

କାଦମ୍ବରୀ—(ସ୍ୱଗତ) ମୋ ମନୋମନ୍ଦିରରେ ସ୍ଥାନାଭାବ ହେଉଅଛି ? (ପ୍ରକାଶ) ସଖି ! ଏ କଣ ପଚାରୁଅଛୁ ? ଦର୍ଶନପ୍ରଭୃତି ଏ ଏହି ଶରୀରର ସୁଦ୍ଧା ପ୍ରଭୁ, ତେବେ ଭବନ ବିଭବ ପରିଜନର କଥା କାହିଁକି ? ଯେଉଁଠାରେ ଏହାଙ୍କର ଅଥବା ତୋହର ଅଭିରୁଚି, ଏ ସେଠାରେ ରହନ୍ତୁ ।

ମହାଶ୍ୱେତା—ତୋ ପ୍ରାସାଦର ସମୀପସ୍ଥ ପ୍ରମୋଦବନରେ କ୍ରୀଡ଼ାପର୍ବତୋପର ଯେଉଁ ମଣିମନ୍ଦିର ଅଛି, ତହିଁରେ ରହନ୍ତୁ ।

କାଦମ୍ବରୀ—ପ୍ରିୟସଖୀର ଯେ ଅଭିମତ ।

ମହାଶ୍ୱେତା—କେୟୂରକ ! ଯାଅ, କୁମାରଙ୍କୁ ମଣିମନ୍ଦିର ମାର୍ଗ ଦେଖାଅ ।

କେୟୂରକ—ଯେ ଆଜ୍ଞା, ମହାରାଜ ! ଏଆଡ଼େ ଆସନ୍ତୁ ।

ଚନ୍ଦ୍ରାପୀଡ଼—(ଉଠି ସ୍ୱଗତ)

ସାଢ

ଏହି ଲଜ୍ଜା ଏହି ସ୍ନିଗ୍ଧଦୃଷ୍ଟି ଏ ମଧୁରସ୍ମିତ ତରୁଣୀର,
ତାମ୍ବୂଳ ଦାନ ସ୍ପର୍ଶ ସମୟର ପୁଲକାଳି, ସ୍ୱଳତଗିର,
ତେଣୁ ଏ ସକଳ, ମନେ ମୋ ଆଶା ଦିଏ ବହୁଳ ।

( କେୟୂରକ ଓ ଚନ୍ଦ୍ରାପୀଡ଼ ନିଷ୍କ୍ରାନ୍ତ )

ମହାଶ୍ୱେତା—ସଖି ! ମୁଁ ସୁଦ୍ଧା ଯିବ ।

କାଦମ୍ବରୀ—କିନ୍ତୁ ସେଠାରେ ବହୁସମୟ ବ୍ୟୟ ନ କରି ଅତିଶୀଘ୍ର ଫେରି ଆସିବୁ ।

ମହାଶ୍ୱେତା—ମୁଁ ଅତିଶୀଘ୍ର ବାହୁଡ଼ିବ । ( ନିଷ୍କ୍ରାନ୍ତ )

କାଦମ୍ବରୀ—ମଦଲେଖେ ! ଚାଲ ମୁଁ ସୁଦ୍ଧା ନିଜ ପ୍ରାସାଦରେ ବସି ମହାଶ୍ୱେତାଙ୍କୁ ପ୍ରତୀକ୍ଷା କରିବ ।

ମଦଲେଖା—( ସ୍ୱଗତ ) ହିଁ, ସେହି ସ୍ଥାନରୁ ମଣିମନ୍ଦିର ଠିକ୍ ଦିଶିବ । ( ପ୍ରକାଶ ) ଯେ ଆଜ୍ଞା, ଆସ ।

କାଦମ୍ବରୀ—( ସ୍ୱଗତ ) କ୍ଷଣକାଳ ଦର୍ଶନ ମାତ୍ରେ ଏତେ ପରିବର୍ତ୍ତନ ?

ତାଳ ରୂପକ । ଯାବନା ବାମନା-ପ୍ରଭ । ୪୯ ।

ଯାମର କାମର ନାମର ଲୋପ ଯହିଁରୁ ତ କରିଥିଲେ ଶଙ୍କର । ଯଦ ।
ପୁଣି କି ପ୍ରକାରେ ନିଖିଳ ସଂସାରେ ପ୍ରସରିଲା ଏହି ନିଷ୍ଠୁର । ୧ ।
କ୍ଷଣକରେ ସାରି ଦିଏ ବରନାରୀ ଜନ କୁଳ ଶୀଳ ଆଦର । ୨ ।
ଗରଳ ଅନଳ ପ୍ରଭବ ପ୍ରବଳ ପୀଡ଼ା ମରମେ କରେ ଯା ଜ୍ୱର ।୩।

( ମଦଲେଖା ଓ କାଦମ୍ବରୀ ନିଷ୍କ୍ରାନ୍ତ )

( ଦୃଶ୍ୟ ମଣିମନ୍ଦିର । ସଚିନ୍ତ ଚନ୍ଦ୍ରାପୀଡ଼ ପ୍ରବେଶ )

ଚନ୍ଦ୍ରାପୀଡ଼—ଗନ୍ଧର୍ବରାଜଦୁହିତା କାଦମ୍ବରୀଙ୍କର ଯେତେ ଭାବ ଭଙ୍ଗି ଦେଖିଲି, ସେ ସକଳ କି ନୈସର୍ଗିକ ? ଅଥବା ମତେ ଉଦ୍‌ଦଗ୍ଧ କରିବା ଲାଗି ଅପ୍ରସନ୍ନ ମଦନର ପ୍ରେରଣାରୁ ଜାତ ? ମନୁଷ୍ୟ-ସୁଲଭ ଲଘୁତ୍ୱ ମିଥ୍ୟା ସଙ୍କଳ୍ପ ସହସ୍ର ଜାତ କରି ମତେ ପ୍ରତାରିତ କରୁଅଛି । ସ୍ମର ଯୌବନମଦ ପୁରୁଷଙ୍କୁ ଅନ୍ଧ କରିଦିଅନ୍ତି ଏବଂ ତରୁଣୀର ପ୍ରେମଲବକୁ ସୁଦ୍ଧା ବଡ଼ କରି ଦେଖାନ୍ତି । କାମଦୁର୍ଦ୍ଦଶାରୁ ଜଗତର ଦୁର୍ଲ୍ଲଭ ପଦାର୍ଥ ସୁଦ୍ଧା

ସୁଲଭ ପ୍ରୀତି ହୁଏ । ବୃଥା ମନୋରଥରୁ ପରିଶେଷରେ ବ୍ୟାକୁଳ ହେବାହିଁ ସାର ହୁଏ । ଏବେ ଚନ୍ଦ୍ରା କାହିଁକି ?

ଆଷ୍ଟଲୀ ଗୀତ ।

ସେ ମଦଘାକ୍ଷୀ ଯଦି ମୋ ପରେ ପ୍ରେମ ପ୍ରକାଶିଅଛି ନିଷ୍ଠୁରେ ।
କାମ ତା ପ୍ରକଟ କରି ଅନ୍ତରେ ସଂଶୟ ଦେବ ଛେଦ ।

( ଅଳଙ୍କାରହସ୍ତା ମଦଲେଖା ପ୍ରବେଶ )

ମଦଲେଖା— କୁମାରଙ୍କ ଜୟ ହେଉ ।

ଚନ୍ଦ୍ରାପୀଡ଼— ମଦଲେଖେ ! ଆସ ।

ମଦଲେଖା— କୁମାର ! ଦେବୀ କାଦମ୍ବରୀ ଆପଣଙ୍କଠାକୁ ଏହି ଉପହାର ପଠାଇଅଛନ୍ତି ।

ଚନ୍ଦ୍ରାପୀଡ଼— ଅନୁଗୃହୀତ ହେଲି । କି ଉପହାର ?

ମଦଲେଖା—( ବସ୍ତ୍ରରୁ ହାର ବାହାର କରି ) କୁମାର ! ଆପଣଙ୍କର ଆକୃତି ପ୍ରକୃତି ଅହଂକାରଶୂନ୍ୟତା ପ୍ରଭୃତି ଜଗତରେ କାହାରି ମନୋହରଣ ନ କରିବ ? ପ୍ରଥମ ଦର୍ଶନରେ ଆପଣ ଆନନ୍ଦପରମ୍ପରା ଦେଇ ଯେଉଁ ମହୋପକାର କରିଅଛନ୍ତି, ତାହାର କି ପ୍ରତ୍ୟୁପକାର ହୋଇ ପାରିବ ? ଅତଏବ ଦେବୀ କାଦମ୍ବରୀ ବିନୀତଭାବରେ ନିଜ ପ୍ରଣୟ ବ୍ୟକ୍ତ କରିବାଲାଗି ଏହି ହାର ପଠାଇଅଛନ୍ତି । ଏହା ସମୁଦ୍ର ମନ୍ଥନରୁ ନାନା ରତ୍ନ ସମୁତ୍ଥିତ ହେଲା ପରେ ଶେଷରେ ଜାତ ବୋଲି ଏହାର ନାମ ଶେଷହାର, ଏହାକୁ ବରୁଣ ଅତି ଆଦରରେ ଗନ୍ଧର୍ବରାଜ ଚିତ୍ରରଥଙ୍କୁ ଦେଇଥିଲେ, ସେ ପ୍ରାଣସମା ନିଜ ପୁତ୍ରୀ କାଦମ୍ବରୀଙ୍କି ଦେଲେ, ଅଧୁନା ଆପଣଙ୍କୁ ନାରାୟଣ ମଣି ଲକ୍ଷ୍ମୀତୁଲ୍ୟା କାଦମ୍ବରୀ କୌସ୍ତୁଭସମ ଏହି ହାର ଦେଇ-ଅଛନ୍ତି, ଗ୍ରହଣ କରନ୍ତୁ । ମହାଶ୍ୱେତା ସୁଦ୍ଧା ଏହି ଅଦେଶ

ଦେଇଅଛନ୍ତି । ସଖୀ କାଦମ୍ବରୀର ପ୍ରଥମ ପ୍ରଣୟ ଭଙ୍ଗ କଦାପି କରିବେ ନାହିଁ । (ଚନ୍ଦ୍ରାପୀଡ଼ଙ୍କ କଣ୍ଠରେ ଦେବା)

ଚନ୍ଦ୍ରାପୀଡ଼— (ସବହୁମାନ) ମଦଲେଖେ ! ଏହାକୁ ଗ୍ରହଣ କିମ୍ବା ଅଗ୍ରହଣ କରିବାରେ ମୁଁ କିଏ ? ମୁଁ ଦେବୀଙ୍କ ଇଚ୍ଛାର ଏକାନ୍ତ ବଶବର୍ତ୍ତୀ, ଅତି ଦକ୍ଷିଣା କାଦମ୍ବରୀଙ୍କ ଗୁଣଗଣ ନିର୍ଦାକ୍ଷିଣ୍ୟ ଜନକୁ ସୁଦ୍ଧା ଦାସ କରିବାରେ ସମର୍ଥ ।

ମଦଲେଖା— କୁମାର ! ଶୀଘ୍ର ଯିବାଲାଗି ଦେବୀ କାଦମ୍ବରୀ ଆଦେଶ ଦେଇ-ଥିଲେ, ଅତଏବ ମୁଁ ଯିବି ।

ଚନ୍ଦ୍ରାପୀଡ଼— ହେଉ ।

(ମଦଲେଖା ନିଷ୍କ୍ରାନ୍ତ)

ଚନ୍ଦ୍ରାପୀଡ଼— ମୁଁ ସୁଦ୍ଧା ଏ କ୍ରୀଡ଼ାପର୍ବତର ଚତୁର୍ଦ୍ଦିଗରେ ଭ୍ରମଣ କରି ଏ ଅଲୌକିକପୂର୍ବ ଶୋଭାରାଶି ସଂଦର୍ଶନ କରିବି ।

(ନିଷ୍କ୍ରାନ୍ତ)

(ଦୃଶ୍ୟ କାଦମ୍ବରୀ ମନ୍ଦିର । ଚିନ୍ତିତା କାଦମ୍ବରୀ ପ୍ରବେଶ)

କାଦମ୍ବରୀ— ତାଳ ରୂପକ । ଯୋଗାସୁରଡ଼ା ପ୍ରତି । ୪୨ ।

ମଦନଙ୍କରୁ ମୂରତି ସେ ସଦନକୁ ମୋର ଅସି
ଯେତେବେଳୁ ହୋଇଲେ ପ୍ରଥମେ ନୟନାତିଥି । ପଦ ।
ତେତେବେଳୁଁ ମନେ ନାହିଁ ତ ଥୟ,
କେତେମତେ ଭାବ ହୁଏ ଉଦୟ,
ସତେ କରିଲାକି ତହିଁ ନିଳୟ
ସନ୍ତତ ଦୁରନ୍ତ ଚିନ୍ତାସନ୍ତତି । ୧ ।
ଅବଲା ମୁଁ କେହି ସହିବ ଆଉ
ଭବ-ପର ଖର-ଶରର ଦାଉ,
ଯବେ ସୁଖଶାଶୀ ସନ୍ତାପ-ଗଣ୍ଠି
କବଳଇ ଆହା ହେବ କି ଗତି । ୨ ।

ତୋ ବିବାହ ନ ହେଲେ ମୁଁ କଦାପି ବିବାହ ବାଞ୍ଛା ସ୍ପୃହା କରିବ ନାହିଁ ବୋଲି ମହାଶ୍ୱେତାକୁ ପ୍ରଥମରେ ମୁଁ ନିଶ୍ଚିତ-ରୂପେ କହିଥିଲି, ଏବେ ସେ ମୋହର ନିଷ୍ଫଳତା ଦେଖି କି ଭାବନା କରୁଥିବ ? ଭଗବନ୍ କୁସୁମାୟୁଧ ! ଅବଳାଜନପ୍ରତି ଏପରି ନିର୍ମ୍ମମ ବ୍ୟବହାର ତୁମ୍ଭର ଉଚିତ କି ? କେଉଁଠାରେ ମନ ସ୍ଥିର ହେଉ ନାହିଁ । ଅନେକ ଥର ମୁଁ ସୌଧଶିଖରକୁ ଯାଇ କ୍ରୀଡ଼ାଶୈଳଆଡ଼େ ଦୃଷ୍ଟି ନିକ୍ଷେପ କରୁଅଛୁ । ତଥାପି ପୁନଃପୁନଃ ସେହିଆଡ଼େ ଯିବାକୁ ପ୍ରବୃତ୍ତି ହେଉଅଛୁ ।

( ମଦଲେଖା ପ୍ରବେଶ )

ମଦଲେଖା—ଭର୍ତ୍ତୃଦାରିକେ ! ତୁମ୍ଭ ଆଦେଶପ୍ରକାରେ କୁମାରଙ୍କ ହାର ଅର୍ପଣ କରିଅଛୁ ।

କାଦମ୍ବରୀ—ସଖି ! ହାର ଦେଖି ସେ କିଛି ବିରକ୍ତି ପ୍ରକାଶ କରି ନାହାନ୍ତି ତ ? ମୁଁ ତାହାଙ୍କୁ ଐଶ୍ୱର୍ଯ୍ୟ ଦେଖାଇଲି ବୋଲି ମନେ କରୁ ନାହାନ୍ତି ତ ?

ମଦଲେଖା—ଭର୍ତ୍ତୃଦାରିକେ ! ହାର ପାଇ ସେ ସବହୁମାନ ନିଜର କୃତ-ଜ୍ଞତା ଜଣାଇ ଅଛନ୍ତି ଏବଂ ସକଳ ଲକ୍ଷଣରୁ ତୁମ୍ଭଠାରେ ତାହାଙ୍କର ଯେଉଁ ପ୍ରେମଭାବ ମୁଁ ଅନୁମାନ କରିଅଛୁ, ତାହା ବାକ୍ୟରେ ବ୍ୟକ୍ତ କରି ପାରିବ ନାହିଁ ।

କାଦମ୍ବରୀ —ମଦଲେଖେ ! ସହସ୍ରକିରଣ ଅସ୍ତପ୍ରାପ୍ତ, ଏବେ ମୋ ମନରେ ଏହା ଜାତ ହେଉଅଛି କି ଥରେ କ୍ରୀଡ଼ାଶୈଳକୁ ଯାଇ କୁମାରଙ୍କୁ ଭେଟନ୍ତି ।

ମଦଲେଖା—ଏଥିରେ ଆପତ୍ତି କଣ ? ଗୃହାଗତ ଗୁଣଶାଳୀ ଅତିଥିଙ୍କ, ସର୍ବବିଧ ସତ୍କାର କରିବା ଅବଶ୍ୟ କର୍ତ୍ତବ୍ୟ ।

କାଦମ୍ବରୀ—ତେବେ ସୁଗନ୍ଧଚନ୍ଦନ, ପୁଷ୍ପହାର ପ୍ରଭୃତି ଘେନି ଚାଲ ।

ମଦଲେଖା—ଯେ ଆଜ୍ଞା । (ଦୁହେଁ ନିଷ୍କ୍ରାନ୍ତ)

(ମହାଶ୍ୱେତା ପ୍ରବେଶ)

ମହାଶ୍ୱେତା—ମୋ ମନୋରଥ ସାର୍ଥ ହୋଇଅଛି । କାଦମ୍ବରୀ ରାଜପୁତ୍ରଙ୍କ ପ୍ରତି ସୁଦୃଢ଼ ଅନୁରକ୍ତା, ତଥା ରାଜପୁତ୍ର ସୁଦ୍ଧା କାଦମ୍ବରୀ ପ୍ରତି ଏକାନ୍ତ ଅନୁରକ୍ତ, ମଣି କାଞ୍ଚନ ଯୋଗପରି ସର୍ବଜନାନନ୍ଦର ଏହି ସଂଯୋଗ ଘଟାଇ ବିଧାତା ପ୍ରଶଂସିତ ହୋଇଅଛନ୍ତି କ୍ରୀଡ଼ାଶୈଳରେ କୁମାରଙ୍କୁ ଭେଟି ବାହୁଡ଼ିଲା ସମୟରୁ କାଦମ୍ବରୀର ମଦନସନ୍ତାପ ଦ୍ୱିଗୁଣିତ ହୋଇଅଛି, ସମୟେ ସମୟେ ସେ ବାତୁଳାପ୍ରାୟ ହେଉଅଛି । ଈଶ୍ୱର କୃପାରୁ ଶୀଘ୍ର ଗୁରୁଜନାନମୋଦିତ ହୋଇ ବିବାହକାର୍ଯ୍ୟ ସମ୍ପନ୍ନ ହେଉ । ଏବେ କୁମାରଙ୍କ ମନୋଗତ ଭାବ ବୁଝିବାଲାଗି ଚେଷ୍ଟା କରିବି । (ନିଷ୍କ୍ରାନ୍ତ)

(ଦୃଶ୍ୟ କ୍ରୀଡ଼ାଶୈଳ । ଚନ୍ଦ୍ରାପୀଡ଼ ପ୍ରବେଶ)

ଚନ୍ଦ୍ରାପୀଡ଼—ଆହା ! ସମସ୍ତ କି ରମଣୀୟ !

ରାଗ ପୁଷ୍ପ କଲ୍ୟାଣୀ । ତାଳ ରୂପ୍ । ଜନୁବନ୍ଧା ପ୍ରତି । ୪୩ ।

କୋକ ଶୋକ ସମସ୍ତ ହେଲା ଏବେ ଉଦୟ ।
ସ୍ମର ସାମ୍ୟକେ ଛଳ ଦେବ ଯୁବା ହୃଦୟ । ପଦ ।
ମିହିର ଅସ୍ତଗିରି ଚୁମ୍ବିବା କ୍ଷଣେ ଧରି
ସୁବେଶଲୁ ତା ପରି ରାଗୀ ମୃଗାଙ୍କଧାରୀ
ଶୀତ କର ପ୍ରସାରି ଧରୁଁ ପଦ୍ମିନୀ ନାରୀ
ଲପନ ଆଡ଼ କରି ଦେଲା ସ୍ପର୍ଶିଲୁ ବାରି । ୧ ।
ପାଶ କୁମୁଦବତୀ ନରେକ୍ଷି ପତି ରାତି
ହୋଇ ଲୁଭୁକମତି ହସିବାରୁ ଝଟିତି
ବିଲକ୍ଷ ଭାବେ ଅତି ହେଲା ଏ ପାଣ୍ଡୁ ମୂର୍ତ୍ତି
ଜନେ କପଟେ ମାତି ଲଭନ୍ତି ତ ବିପତ୍ତି । ୨ ।

ମନ ! କାହିଁକି ଏତେ ଉଦ୍‌ବେଗ ? ଯଦ୍ୟପି ସେହି ଜଗ-ନ୍ମୋହିନୀର ସକଳ ଲକ୍ଷଣ ଦେଖି ନିଶ୍ଚୟରେ ତାହାର ମାନସିକ ଭାବ ସ୍ପଷ୍ଟରୂପେ ହିଁ କଳନା କରିବାରେ ସମର୍ଥ, ତଥାପି କାଳେ ଏ ସକଳ ଗନ୍ଧର୍ବଲୋକବାସିଙ୍କର ସ୍ୱାଭାବିକ ହୋଇ ପାରେ, ଏହି ଶଙ୍କା ସୁଦ୍ଧା ହେଉଅଛି । ଯାହା-ହେଉ ଏ ବିଷୟର ମୀମାଂସା ଭଗବତୀ ମହାଶ୍ୱେତାଙ୍କଦ୍ୱାରା ହେବ । ( ପ୍ରକାଶ ) ମୁଁ ଏଠାକୁ ଯେଉଁ ଦିବସ ଆସିଲି, ସେହି ଦିବସ ସଖା ବୈଶମ୍ପାୟନ ଏବଂ ସକଳ ସେନାର ତତ୍ତ୍ୱ ନେବାଲାଗି କେୟୂରକକୁ ମହାଶ୍ୱେତାଙ୍କ ଆଶ୍ରମକୁ ପଠାଇ-ଥିଲି, କିନ୍ତୁ ସେ ଆସିବାରେ ବିଳମ୍ବ କାହିଁକି ହେଲା ? ତେବେ ବୈଶମ୍ପାୟନ ମୋ ସନ୍ଦେଶ ନ ପାଇ ସେନାସହ ଅନ୍ୟ ମାର୍ଗରେ ଯାଇଅଛନ୍ତି ?

( ଦାସୀ ପ୍ରବେଶ )

ଦାସୀ— ମହାରାଜ ! ଆପଣ ଅତ୍ୟୁତ୍କଣ୍ଠାରେ କାଲିଠାରୁ ଯାହାର ମାର୍ଗ ପ୍ରତୀକ୍ଷା କରୁଅଛନ୍ତି, ସେହି କେୟୂରକ ଆସିଅଛି ।

ଚନ୍ଦ୍ରାପୀଡ଼— କାହିଁ କାହିଁ ? ମୁଁ ଏବେ ସୁଦ୍ଧା ତାହାର ଭାବନାରେ ବ୍ୟସ୍ତ ଥିଲି ।

ଦାସୀ — ଏ ଦେଖନ୍ତୁ, ମହାରାଜ ! ତାହା ସଙ୍ଗେ ଏକ ସ୍ତ୍ରୀ ସୁଦ୍ଧା ଅଛି ।

ଚନ୍ଦ୍ରାପୀଡ଼— ( ଦେଖି ଆନନ୍ଦରେ ) ଏ ପତ୍ରଲେଖା, ତେବେ କେୟୂରକ ମିତ୍ର ସହିତ ସେନା ଅବଶ୍ୟ ଦେଖିଅଛି ।

( କେୟୂରକ ଓ ପତ୍ରଲେଖା ପ୍ରବେଶ )

କେୟୂରକ— ( ପ୍ରଣାମ କରି ) ମହାରାଜ ! ଆଜ୍ଞାନୁସାରେ ଯାଇ ସେନାସହ ଅମାତ୍ୟ ବୈଶମ୍ପାୟନ ସୁଖରେ ଅଚ୍ଛୋଦତୀରରେ ପହଞ୍ଚିଥିବା ଦେଖି ଆସିଅଛି ।

ଚନ୍ଦ୍ରାପୀଡ଼—ପତ୍ରଲେଖେ ! ଚତୁରଙ୍ଗ ବଳସହିତ ବୈଶମ୍ପାୟନ କୁଶଳୀ ?

ପତ୍ରଲେଖା—ମହାରାଜ ! ସମସ୍ତେ କୁଶଳରେ ଅଛନ୍ତି ।

ଚନ୍ଦ୍ରାପୀଡ଼—ପତ୍ରଲେଖେ ! ମୋ ସ୍ଥିତି ତୁମ୍ଭେମାନେ କପରି ଜାଣିଲ, ଏହା ପ୍ରଥମେ କହ ।

ପତ୍ରଲେଖା—ଆପଣଙ୍କ ଦର୍ଶନ ନ ପାଇଲାପରେ ଇନ୍ଦ୍ରାୟୁଧର ପଦଚିହ୍ନ ଅନୁସାରେ ଆମ୍ଭେମାନେ ଏ ଆଡ଼େ ଆସି ସାୟଂକାଳରେ ଅଚ୍ଛୋଦ ସରୋବର ତୀରରେ ପହଞ୍ଚିଲୁଁ । ସେଠାରେ କେୟୂରକ ସହିତ ଭେଟ ହେଲା । ଏ ସବୁ ଥାଉ, କାଲି ଉଜ୍ଜୟିନୀରୁ ଏକ ଦୂତ ପତ୍ର ଘେନି ଆସିଅଛି, ଏ ସେହି ପତ୍ର, ପ୍ରଥମରେ ମହାରାଜ ପଢ଼ନ୍ତୁ । ( ପତ୍ର ଦେବା )

ଚନ୍ଦ୍ରାପୀଡ଼ —( ପତ୍ର ଘେନି ପଢ଼ିବା )

ସ୍ୱସ୍ତି ଶ୍ରୀ ପରମମାହେଶ୍ୱର ରାଜାଧିରାଜ, ଦେବ ତାରାପୀଡ଼ଙ୍କର ସର୍ବସମ୍ପଦାସ୍ପଦ ବତ୍ସ ଚନ୍ଦ୍ରାପୀଡ଼ଙ୍କୁ ସସ୍ନେହାଶୀର୍ବାଦ । ସମ୍ପ୍ରତି ଉଜ୍ଜୟିନୀରେ ପ୍ରଜାଜନ ସହିତ ଆମ୍ଭେ କୁଶଳୀ, କିନ୍ତୁ ବହୁକାଳରୁ ତୁମ୍ଭଙ୍କୁ ନ ଦେଖି ଆମ୍ଭ ହୃଦୟ ପ୍ରବଳ ଉତ୍କଣ୍ଠିତ ହୋଇଅଛି । ଅନ୍ତଃପୁର ଜନ ସହିତ ଦେବୀ ସୁଦ୍ଧା ଅତ୍ୟନ୍ତ ଚିନ୍ତିତା । ଅତଏବ ଏ ପତ୍ର ପଠନ କଲାମାତ୍ରେ ଉଜ୍ଜୟିନୀ ପ୍ରସ୍ଥାନରେ ଯତ୍ନବାନ୍ ହେବ । ଇତି । ( ସଖେଦ ) ହାୟ ! ମୋ ଚିନ୍ତାରେ ଯେଣେ ପୂଜ୍ୟପାଦ ପିତାମାତା ଅସ୍ଥିର ହୋଇଅଛନ୍ତି, କିନ୍ତୁ ମୁଁ ଏଠାରେ ଆନନ୍ଦରସମଗ୍ନ ହୋଇ ସେମାନଙ୍କୁ ସ୍ମରଣ ସୁଦ୍ଧା କରୁ ନାହିଁ ! ସର୍ବଥା ପିତାଦେଶ ଶିରୋଧାର୍ଯ୍ୟ କରିବା ଉଚିତ । କେୟୂରକ ! ଦେବୀ କାଦମ୍ବରୀଙ୍କ ମନ୍ଦିର ଆଡ଼େ ଚାଲ ।

କେୟୂରକ —ଯେ ଆଜ୍ଞା, ଏଆଡ଼େ ଆସନ୍ତୁ, ମହାରାଜ ! (ପରିକ୍ରମ କରିବା)

ଚନ୍ଦ୍ରାପୀଡ଼ —ପତ୍ରଲେଖେ ! ଅଦୃଷ୍ଟପୂର୍ବ ଏହି ରମ୍ୟ ଭୂଭାଗ ଦେଖି ନେତ୍ର ସଫଳ କରିବା ଲାଗି ମୋ ସଙ୍ଗେ ଆସ । ପୁଣି,

ସାକ,

ଗନ୍ଧର୍ବାଧିପପୁତ୍ରୀ ଅନୂଢ଼ା କାଦମ୍ବରୀ ନବ ବନିତା,
ବିଶ୍ୱମୋହିନୀ ସୁନ୍ଦରୀମଣି ଦେଖିବୁ ପୁଣି ସୁପବିତ୍ରା,
ପୂଜ୍ୟା ହଂସସୁତା, ନାମ ଅଟଇ ମହାଶ୍ୱେତା ।

( ସର୍ବେ ନିଷ୍କ୍ରାନ୍ତ )

( ଦୃଶ୍ୟ ହିମଗୃହ )

( କାଦମ୍ବରୀ ମହାଶ୍ୱେତା ମଦଲେଖା ପ୍ରବେଶ )

କାଦମ୍ବରୀ —ସଖି ! ତୁ ଆଉ କିଛି କହ ନା, ମୁଁ ଶୁଣିବି ନାହିଁ, ମୁଁ ଦୀନା ହୋଇ ଅଶ୍ରୁପାତ କରି ହାତ ଯୋଡ଼ି ପ୍ରାର୍ଥନା କରୁଛି କି, ଆଉ ତାହାଙ୍କ ନାମ ମୁଖେ ଧର ନା ।

ମହାଶ୍ୱେତା —ସଖି ! କୁମାରଙ୍କ ଉପରେ ଏଡ଼େ ରାଗ କାହିଁ ? ସେ କେଉଁଠାରେ ଏପରି କି ଅକାର୍ଯ୍ୟ କରିଅଛନ୍ତି ?

କାଦମ୍ବରୀ— ସେ ଧୂର୍ତ୍ତଶିରୋମଣି ଯାହା କରିଅଛନ୍ତି, ତାହା କହିବାକୁ ମୁଦ୍ଧା ମୋହର ଲଜ୍ଜା ହେଉଛି । ଏହା କି ସାମାନ୍ୟ ଧୃଷ୍ଟତା? ତାହାଙ୍କୁ ସାଧୁ ଅତିଥି ମନେ କରିଥିଲି, କିନ୍ତୁ ସେ ସକଳ ଭ୍ରମରେ ପରିଣତ ହେଲା ।

ମହାଶ୍ୱେତା— ସେ କଣ କଲେ, ତାହା ପ୍ରଥମରେ କହ ।

କାଦମ୍ବରୀ — ସଖି ମହାଶ୍ୱେତେ ! ତରୁଣ ପୁରୁଷପ୍ରତି ମୋହପର କୁମାରୀର ବିଶ୍ୱାସ କରିବା ଉଚିତ ନୁହେ, ଏହା ମୁଁ ପୂର୍ବରୁ ଜାଣିଥିଲି, କିନ୍ତୁ ତୁ ତାହାଙ୍କର ଅତିମାତ୍ର ପ୍ରଶଂସା କରି ନିଜର ପରମ ବନ୍ଧୁ ବୋଲି କହିବାରୁ ମୁଁ ବିଶ୍ୱାସ କଲି, ପରିଶେଷରେ ସେ ଆପଣାର ଗୁଣ ଦେଖାଇଲେ ।

ମହାଶ୍ୱେତା—କାର୍ଯ୍ୟ ନ କହି ଏତେ ଗୋଳମାଳ କଲେ ମୁଁ କିପରି ବୁଝିବି ?

କାଦମ୍ବରୀ— ରାଗ ସୁରଟ, ତାଳ ଆଡ଼ । ନବଗୀରଦ ଚନ୍ଦୁ ପ୍ରଭୃ ।୧୪।

କି ଜଣାଇବି, ଲାଗେ ଲାଜ ସ୍ମର ସେ କଥା, ସଜନୀ ରେ ।ପଦ।

ଏକାକିନୀ ତଳପେ ଥିଲି ମୁଁ ଭରସି, ସେ କାମୁକଶେଖର ମନ ମନ୍ଦ ହସି,
ଅକାଳରେ ମନ୍ଦିର ଭିତରକୁ ଆସି ରଜନୀରେ ।୧।

ବଳକର ପଣନ୍ତ ଧରି କରିଭୁଜେ, ଅଳକା ମାଜି ଗଣ୍ଡେ ଚୁମ୍ବି କି ଛଟନେ,
ଢଳପିଲେ ଅଳପ ଅଳା ସ୍ମରସିତେ ମୋ ଧନ ରେ ।୨।

ଏପରି ଶଠାଗ୍ରଣୀ ତୋହର ପରମ ବନ୍ଧୁ ?

ମଦଲେଖା —( କପଟ କ୍ରୋଧ ) ତେବେ ସେ ଅତି ଉଦ୍ଧତ କାର୍ଯ୍ୟ କରିଅଛନ୍ତି, କିନ୍ତୁ ସେ ଏତେ କଥା କଲାଯାଏ ତୁମ୍ଭେ କିପରି ତୁନି ହୋଇ ରହିଥିଲ ?

କାଦମ୍ବରୀ —ମୁଁ ତୁନି ହୋଇ ରହିଥିଲି କିପରି ? ମୁଁ କେତେ କଠୋର ବାକ୍ୟରେ ଭର୍ତ୍ସନା କଲି, କିନ୍ତୁ ତାଙ୍କୁ ସେ ବଚୋଦକ୍ଷିଣ ମନେ କରୁଥିଲେ । ମୁଁ ରୋଷ ଦେଖାଇଲେ ସେ ପ୍ରେମ ଦେଖାଉଥିଲେ । ମୋ ନିନ୍ଦାକୁ ସେ ସ୍ତୁତି ବୋଧ କଲେ ।

ମଦଲେଖା —କିନ୍ତୁ ଭର୍ତ୍ତୃଦାରିକେ ! ମୋହର ଗୋଟିଏ ଶଙ୍କା ହେଉଅଛି । ସେ କୁମାର ସେହି ମଣିମନ୍ଦିରରେ, ପୁଣି ତୁମ୍ଭେ ନିଜ ମନ୍ଦିରରେ, ତେବେ ଏ ସକଳ ସେ କେତେବେଳେ କଲେ ? ତୁମ୍ଭ ନିକଟରେ ତ ମୁଁ ସର୍ବସମୟରେ ରହିଅଛି, ମତେ କାହିଁକି ଦିଶିଲେ ନାହିଁ ?

କାଦମ୍ବରୀ — ଏ କି ଶଙ୍କା ? ସେ ତ ସ୍ୱପ୍ନରେ ଆସିଥିଲେ, ସେ କିପରି ଦିଶନ୍ତେ ?

ମହାଶ୍ୱେତା— ( ହସି ) ହଁ ହଁ, ଏବେ ସବୁ ଠିକ୍ ଜଣାଗଲା, ଏ ସବୁ ସ୍ୱପ୍ନ-ବିଳସିତ !

କାଦମ୍ବରୀ— ତେବେ କି ହେଲା ? ସ୍ୱପ୍ନରେ ଆସି ଏପରି ଆଚରଣ କରିବା ତାହାଙ୍କର ଉଚିତ ?

ମହାଶ୍ୱେତା—ସଖି ! ଏଥିରେ ସେ ଯୁବରାଜଙ୍କର କିଛି ଅପରାଧ ନାହିଁ, କିନ୍ତୁ ଏ ସକଳ ସେହି ଦୁର୍ନିବାର ମଦନର ଚେଷ୍ଟା ।

କାଦମ୍ବରୀ —କାଲିଠାରୁ ଏ ମଦନର ଚେଷ୍ଟା, ସେ ମଦନର ତାପ ବୋଲୁଅଛୁ, ତେବେ ସେ ମଦନ କିଏ ?

ମହାଶ୍ୱେତା —ରାଗ ହିନ୍ଦୁସ୍ଥାନୀ ଭୈରବୀ, ତାଲ ଆଦି । ଶିବ ଶଙ୍କର ପ୍ରଭି ।୪୫।

ମଗ୍ନିଶୋଭନ ମହଲାରତନ,<br>
ଦହ ଦଅଇ ସହି ଅଙ୍ଗକୁ ହେଉଅଛି ହରପର ଅଦ୍ଭୁତ ଦହନ । ପଦ ।<br>
ଧୂମ ପ୍ରସରହୀନ, ନୟନ ଅନୁଦିନ,<br>
ବନଜବଦନ ବନସ୍ରୋତ ଜାତ କରି ଗଣ୍ଡଯୁଗ ବହେ ମଳିନ ।୧।<br>
ମାରୁତଯୁତବତ ହୁଅଇ ଦ୍ୱିଗୁଣିତ,<br>
ସକଳ ଶୀତଳ ଉପଚାର କାରଣରୁ ଶାନ୍ତି ନ ଲଭଇ ସେ ବହନ ।୨।

ମୁଗ୍ଧେ ! ଏବେ ତୋ ଉପରେ କେବଳ ମଦନର ଛାୟାମାତ୍ର ପଡ଼ିଅଛି । ତାହାର ନିଜ ରୂପ ଦୂରରେ ଅଛି ।

କାଦମ୍ବରୀ — ( ନିଶ୍ୱାସ ଛାଡ଼ି ) ସଖି ! ଯଦି କେବଳ ଛାୟାମାତ୍ରରୁ ମୋହର ଏହି ଦଶା, ତେବେ ଭବିଷ୍ୟତରେ ଆହୁରି କଣ ହେବ ? ସଖି ! ଏଥିର ସମୁଚିତ ପ୍ରତୀକାର ଚିନ୍ତା କର ।

ମହାଶ୍ୱେତା —ମୁଁ କିପରି ପ୍ରତୀକାର ଚେଷ୍ଟା କରିବି ? ଏ ବିଷୟରେ ସେହି କୁମାରଙ୍କୁ ପଚାର ।

କାଦମ୍ବରୀ — ( ରାଗରେ ) ଯେ ଏ ସକଳ ଅନର୍ଥର ମୂଳ, ସେ ପୁଣି ଏଥିର ପ୍ରତୀକାର କରିବେ ?

ମହାଶ୍ୱେତା —( ମନେ ହର୍ଷି ) ସଖି ! ଧୈର୍ଯ୍ୟ ଧାରଣ କର, ଯେଉଁ ମଦନ-
ବଶରୁ ତୁ ଏତେ କ୍ଳେଶ ପାଉଅଛୁ, ଅଳ୍ପ ସମୟରେ ସେହି ମଦନ
ଏଥିର ସୁମୀମାଂସା କରି ଦେବ ।

( କେୟୂରକ ପ୍ରବେଶ )

କେୟୂରକ — ( ତୁହଙ୍କୁ ବନ୍ଦନା କରି ) କୁମାର ଚନ୍ଦ୍ରାପୀଡ଼ ଭେଟିବା-
ଲାଗି ଆସୁଅଛନ୍ତି ।

କାଦମ୍ବରୀ — ସଖି ମହାଶ୍ୱେତେ ! ମୁଁ କିଛି କହିବି ନାହିଁ, ଯାହା କହିବାକୁ
ହେବ, ତୁ କହ ।

( ଚନ୍ଦ୍ରାପୀଡ଼ ଓ ପତ୍ରଲେଖା ପ୍ରବେଶ । )

ଚନ୍ଦ୍ରାପୀଡ଼— ଭଗବତି ମହାଶ୍ୱେତେ ! ମୁଁ ପ୍ରଣାମ କରୁଅଛି ।

କାଦମ୍ବରୀ— ( ସ୍ୱଗତ ) ଆକାର ଦର୍ଶନମାତ୍ର ସବୁ କ୍ରୋଧ କେଉଁଆଡ଼େ
ଗଲା ? ( ଉଠିବା )

ଚନ୍ଦ୍ରାପୀଡ଼ — ଦେବି ! ଏ କଣ ? ଦର୍ଶନମାତ୍ରେ ସନ୍ତୁଷ୍ଟ, ଏପରି ଜନଠାରେ
ଏତେ ସତ୍କାର କରି ନିଜ ସୁକୁମାର ତନୁକୁ ଆୟାସ ଦେବା
ଉଚିତ ନୁହେ ।

ମଦଲେଖା — ମହାରାଜ ! ଏପରି ଭାଷଣରୁ ଦେବୀଙ୍କର ଅଧିକତର କ୍ଳେଶ
ହେଉଅଛି । ପ୍ରଥମେ ଆପଣ ଏ ସୁବର୍ଣ୍ଣାସନରେ ବସନ୍ତୁ ।

ମହାଶ୍ୱେତା— ମହାଭାଗ ! ତୁମ୍ଭେ ବସିଲେ କାଦମ୍ବରୀ ବସିବ ।

( ସମସ୍ତେ ବସିବା । )

କେୟୂରକ— ଦେବି କାଦମ୍ବରି ! ଏ ଯୁବରାଜଙ୍କର ପ୍ରୀତିବିଶ୍ୱାସପାତ୍ରୀ
ତାମ୍ବୂଲକରଙ୍କବାହିନୀ ପତ୍ରଲେଖା ।

କାଦମ୍ବରୀ — ( ଦେଖି ସାଶ୍ଚର୍ଯ୍ୟ ) ପତ୍ରଲେଖେ ! ଆସ, ମୋ ପାଖରେ ବସ,
ତୁମ୍ଭ ରୂପ ଦେଖି ମନେ ଅପାର ଆନନ୍ଦ ହେଉଅଛି ।

ପତ୍ରଲେଖା ଯେଉଁଠିର ଲୋକ, ସେହିଠାରେ ରହିଲେ ଶୋଭା ପାଏ ।

କାଦମ୍ବରୀ— ଏ ସକଳ ଗୌରବ ଥାଉ, ଆସି ବସ । ( ହାତ ଧରି ନିକଟରେ ବସାଇବା । )

ଚନ୍ଦ୍ରାପୀଡ଼— ( ସ୍ୱଗତ ) ଏହାଙ୍କର ବିରହାବସ୍ଥା ପ୍ରତ୍ୟକ୍ଷ ଦେଖି ମୂର୍ଖ ମୋହର ଅରସିକ ମନ ଅଦ୍ୟାପି ଶଙ୍କା ଛାଡ଼ୁ ନାହିଁ । ( ପ୍ରକାଶ )

ରାଗ ଚକ୍ରବାକ, ତାଳ ରୂପକ । ନାମାନା ବନ ବନୁ ମାୟୀ ପ୍ରଭୃ ।୪୭।

କାହିଁକି ଆଜ ଏତେ ବିରସ, ସାରସାକ୍ଷି ସାର ଭାଷ । ପଦ ।

ଛତପର୍ବଶର୍ବରୀହାଶ ଶଶୀମୁଖୀ ମ୍ଳାନ ବିଶେଷ । ୧ ।

ବହ ଭିତ୍ରର ଶ୍ୱାସ କମ୍ପାଉଛି ଉରବାସ ।୨।

କାନ୍ତି କନକ ସଦୃଶ ଏବେ ପାଣ୍ଡୁତା ପ୍ରକାଶ ।୩।

ତୁମ୍ଭଙ୍କୁ ଏହିପରି କୁସୁମଶଯ୍ୟାଶାୟିନୀ ଦେଖି ମୋ ଅଙ୍ଗରେ ଜ୍ୱାଳା ଜାତ ହେଉଅଛି ।

କାଦମ୍ବରୀ— ( ସ୍ୱଗତ ) ଏ ଦୃଷ୍ଟିଯୁଁ ହେଟ, କିନ୍ତୁ ଭାଷଣରେ ସଂନ୍ଦିଗ୍ଧତା ଅଦ୍ୟାପି ଯାଇ ନାହିଁ ।

ମହାଶ୍ୱେତା— ମହାଭାଗ ! ସନ୍ତାପର କାରଣ ଏ କିଏ କିପରି କହି ପାରିବ ? ସ୍ୱଂଦିବ ଏହାଙ୍କୁ ପୀଡ଼ା ଛାଡ଼ୁ ନାହିଁ ।

ଅଞ୍ଜଳୀ ଗୀତ ।

ପୂର୍ଣ୍ଣ ଶଶିବିମ୍ବ ତପୁ ତପନ, ତୂର୍ଣ୍ଣ ଘନସାର ଅନଳକଣ ।
ତୂର୍ଣ୍ଣ ଅଙ୍ଗେ ଶୁଖେ ଆର୍ଦ୍ର ନଳିନ ଏ ସମୟେ ଏହାର । ୧ ।

ଏବେ ମାତ୍ର ତୁମ୍ଭଙ୍କୁ ଦେଖି ଏ ପୀଡ଼ା କିଛି ଉପଶମ ହେଲାପରି ବୋଧ ହେଉଅଛି ।

ଚନ୍ଦ୍ରାପୀଡ଼— ( ସ୍ୱଗତ ) ଏହାଙ୍କ ଭାଷଣରୁ ମୋ ସଂଶୟ ଅତି ଦୂରକୁ ଚାଲି ଯାଇଅଛି । କିନ୍ତୁ କଣ କରିବ ? ଯେଣେ ଗୁରୁଜନଙ୍କ

ଆଜ୍ଞାପତ୍ର ଆସିଅଛୁ । ( ପ୍ରକାଶ ) ଭଗବତି ! ମତେ ଦେଖି ଦୟାଶୀଳା ଦେବୀଙ୍କର ଯଦି କିଛି ସନ୍ତୋଷ ହେଉଅଛି, ତେବେ ମୁଁ ନିରନ୍ତର ସନ୍ନିଧିରେ ଜଗି ବସିଥାନ୍ତି, କିନ୍ତୁ ସେହି ଭାଗ୍ୟ ସମ୍ପ୍ରତି ମୋହର ନାହିଁ ।

କାଦମ୍ବରୀ— ( ସ୍ୱଗତ ) ଏ ପ୍ରସ୍ଥାନ ପ୍ରସ୍ତାବନା ବୋଧ ହେଉଅଛି ।

ଚନ୍ଦ୍ରାପୀଡ଼— ଭଗବତି ! ଦୂର ଗମନମଧ୍ୟବର୍ତ୍ତୀ ଲୌହଖଣ୍ଡ ତୁଲ୍ୟ ବର୍ତ୍ତମାନ ମୋହର ସ୍ଥିତି ହୋଇଅଛି । ଦେଖ—

ଦଣ୍ଡି ।

ବହୁ ଦିବସ ହେଲା ଶୀଘ୍ର ଫେରି ଆସ
ବୋଲି ଦେଇଛନ୍ତି ଜନକ ସନ୍ଦେଶ ।
ପୁଷ୍ପଶୟନେ ଦେବୀଙ୍କି ନୋହେ ଛାଡ଼ି,
ତଥା ପିତାଙ୍କୁ ନ ପାରଇ ଏଡ଼ି ।

ଏ ବିଷୟରେ ଭଗବତୀ କିଛି ଉପାୟ ଚିନ୍ତା କରନ୍ତୁ ।

ମହାଶ୍ୱେତା— ( ଚିନ୍ତା କରିବା )

କାଦମ୍ବରୀ— ( ସ୍ୱଗତ ) ନିର୍ଦ୍ଦୟ ଶେଷରେ ନିର୍ଦ୍ଦୟ ହୁଅନ୍ତି । ଭଜନଦିବସର ଆଶା ଭଜନଶବ୍ଦରେ ନଷ୍ଟ ହୋଇଅଛି । ( ପ୍ରକାଶ ) ମଦଲେଖେ ! ହଠାତ୍ ଦେହରୁ ଦାହ ଉଠୁଅଛି, କଣ କରିବ ?

ମଦଲେଖା— ଦେବି ! ଚନ୍ଦ୍ରକାନ୍ତମଣିର ମୂର୍ତ୍ତି ଆଣିବି ? ତାହାକୁ ଆଲିଙ୍ଗନ କଲେ ଦାହ ଶାନ୍ତ ହେବ ।

କାଦମ୍ବରୀ— ( ସହାସ ) ମଣିମୂର୍ତ୍ତିରେ ଦାହ ଶାନ୍ତ ହୁଏ ?

ମହାଶ୍ୱେତା— ସଖି କାଦମ୍ବରି ! ତୋହର ଗୁଣପାଶରେ କୁମାର ଚନ୍ଦ୍ରାପୀଡ଼ ବଦ୍ଧ ହୋଇ ରହିବାକୁ ସାହସୀ ହୋଇ ପାରୁ ନାହାନ୍ତି । ଅତଏବ ମୁଁ କହୁଅଛି । ଏହାଙ୍କ ମନରେ ନିଜ ଚିନ୍ତାରେ

ବ୍ୟସ୍ତ ପିତାମାତାଙ୍କୁ ଶୀଘ୍ର ଭେଟିବା ବାସନା ବଳବତୀ ହୋଇଅଛି ।

କାଦମ୍ବରୀ— ତେବେ ମତେ ପଚାରିବାର ଆବଶ୍ୟକ କଣ ? ଗୁରୁଜନଙ୍କୁ ଭେଟିବା ଆନନ୍ଦର କିଏ ଅନ୍ତରାୟ କରି ପାରିବ ? ମଦଲେଖେ ! ଯାଅ, କେତେକ ଗନ୍ଧର୍ବକୁମାରଙ୍କୁ ଏହାଙ୍କ ସଙ୍ଗେ ଯିବାଲାଗି ସିଦ୍ଧ ହେବାକୁ କହ ।

ମଦଲେଖା— ଯେ ଆଜ୍ଞା । ( ନିଷ୍କ୍ରାନ୍ତ )

ମହାଶ୍ୱେତା— ଦୂର ହେଲେ ସୁଦ୍ଧା ତୁମ୍ଭେ ଦୁହେଁ ପରସ୍ପର ଚନ୍ଦ୍ରକୁମୁଦିନୀ ପରି ପ୍ରୀତି ରକ୍ଷା କରିବା ଉଚିତ ।

କାଦମ୍ବରୀ— ( ମହାଶ୍ୱେତା କର୍ଣ୍ଣରେ କହିବା )

ମହାଶ୍ୱେତା— ମହାଭାଗ ! ସଖୀ କାଦମ୍ବରୀର ତୁମ୍ଭଠାରେ ଏକ ପ୍ରାର୍ଥନା ।

ଚନ୍ଦ୍ରାପୀଡ଼— ଦେବୀଙ୍କର କି ଆଜ୍ଞା ?

ମହାଶ୍ୱେତା— ଏହି ପ୍ରାର୍ଥନା କି ତୁମ୍ଭେ ପୁନର୍ବାର ତ ଶୀଘ୍ର ଆସି ଦର୍ଶନ ଦେବ, କିନ୍ତୁ ସେପର୍ଯ୍ୟନ୍ତ ତୁମ୍ଭ ବିରହ ସହିବା କଷ୍ଟ, ଅତଏବ କେତେକ ଦିବସ ପତ୍ରଲେଖାକୁ ଏଠାରେ ରଖନ୍ତୁ ।

ଚନ୍ଦ୍ରାପୀଡ଼— ତାହା ହେଉ, ଦେବୀଙ୍କ ଆଜ୍ଞା ଅନ୍ୟଥା ହେବ ନାହିଁ । ପତ୍ରଲେଖେ ! ତୁ ଭାଗ୍ୟବତୀ, ନୋହିଲେ ତୋ ଉପରେ ଦେବୀଙ୍କ ପ୍ରସାଦ କିପରି ହୁଅନ୍ତା ?

( ମଦଲେଖା ପ୍ରବେଶ )

ମଦଲେଖା— ଗନ୍ଧର୍ବପୁତ୍ରଗଣ ସିଦ୍ଧ ହୋଇଅଛନ୍ତି ।

ଚନ୍ଦ୍ରାପୀଡ଼— ତେବେ ମୁଁ ଯାଉଅଛି, ଭଗବତି ! ଦେବି !

ରଥୋଦ୍ଧତା ବୃତ୍ତ ।

ଯାଏ ଏ ଜନ୍ମ ଗୁରୁବାକ୍ୟ ମାନି ସତ୍ୟ,
ସ୍ୱେଚ୍ଛାରେ ଛଳ ନଗରୀ ପରନ୍ତୁ ତତ୍ତ୍ୱ
ପ୍ରେମାବଦ୍ଧ ହୃଦ ମୁଁ ଛାଡ଼ି ଏହିଠାରେ,
ଅଳ୍ପାବ୍ଦେ ପୁନରପି ଦେଖିବା ବତ୍ସରେ ।

( ସର୍ବେ ନିଷ୍କ୍ରାନ୍ତ )

ପଞ୍ଚମାଙ୍କ ସମାପ୍ତ ।

# ଷଷ୍ଠ ଅଙ୍କ ।

( ଦୃଶ୍ୟ ଅଚ୍ଛୋଦତୀରସ୍ଥ ଲତାମଣ୍ଡପ । )

( ବୈଶମ୍ପାୟନ ଏବଂ ସେନାପତି ପ୍ରବେଶ )

ବୈଶମ୍ପାୟନ—ତୁମ୍ଭେମାନେ ଯେତେ ଉପଦେଶ ଦେଲେ ସୁଦ୍ଧା ମୁଁ ଏଠାରୁ ଚଳି ପାରିବି ନାହିଁ, ତୁମ୍ଭେ ସମସ୍ତ ସେନା ଘେନି ଉଜ୍ଜୟିନୀକୁ ଶୀଘ୍ର ଯାଅ, ହେତୁ କି ଚନ୍ଦ୍ରାପୀଡ଼ ଗଲାପରେ ତାହାଙ୍କ ସୈନ୍ୟ ଏଠାରେ ରଖିବା ତୁମ୍ଭମାନଙ୍କର ଅନୁଚିତ ।

ସେନାପତି—( ସ୍ୱଗତ ) ଆଜକୁ ସାତ ଦିନ ହେଲା ଅନେକ ବୋଧ ଦେଇ ଆସୁଅଛୁଁ, କିନ୍ତୁ ଏହାଙ୍କ ମନ ଟଳୁ ନାହିଁ । କାହିଁକି ଏହାଙ୍କର ଏ ଉତ୍କଟ ବୈରାଗ୍ୟ ଜାତ ହେଲା ? ( ପ୍ରକାଶ ) ବୈଶମ୍ପାୟନ ! ଯୁବରାଜଙ୍କ ଗମନାନନ୍ତର ଏଠାରେ ରହିବା ଆମ୍ଭର ଅନୁଚିତ ସତ୍ୟ, କିନ୍ତୁ ଯୁବରାଜ ତୁମ୍ଭର ପ୍ରାଣମିତ୍ର, ବିଶ୍ୱାସରୁ ତୁମ୍ଭ ଉପରେ ଏ ମହତୀ ସେନାର ଭାର ନ୍ୟସ୍ତ କରି ଯାଇଅଛନ୍ତି, ତେବେ ତାହାଙ୍କର ଆଜ୍ଞା ନ ପାଳିବା ତୁମ୍ଭର ଉଚିତ ହୋଇଅଛି କି ?

ବୈଶମ୍ପାୟନ— ଏହା ମୁଁ କି ଜାଣୁ ନାହିଁ ? କିନ୍ତୁ କରିବି କଣ ? ବର୍ତ୍ତମାନ ଶରୀର ଏବଂ ମନ ଉପରେ ମୋହର ଲେଶମାତ୍ର ପ୍ରଭୁତ୍ୱ ନାହିଁ ।

ସମ୍ପ୍ରତି ଏହା କହ, ମୋହର ଦୂର ହେଉ ମୋହ ।

ମୁଁ ଏ ବନରେ କି ପଦାର୍ଥ ଦେଖିଲି ? କାହା ଭ୍ରମରେ ମୁଁ ସକଳ ତ୍ୟାଗ କଲି ? ରମ୍ୟ ସ୍ଥାନ ଦେଖିଲେ ତରୁଣ ରସିକର ଚିତ୍ତବୃତ୍ତି ମୋହିତ ହୁଏ। ମୋ ସ୍ୱଭାବ ସେପରି ଦେଖୁ ନାହିଁ, କାରଣ ଏ ବନର ସୌନ୍ଦର୍ଯ୍ୟ ପ୍ରତି ମୋ ମନ କଦାପି ଲଗ୍ନ ହେଉନାହିଁ, କିନ୍ତୁ ଏହି ଲତାମଣ୍ଡପଆଡ଼େ ବାରମ୍ବାର ଧାଉଁଅଛି । ଏହାର ଛାୟାକୁହି ପ୍ରାଣସନ୍ତାପ ଦୂରୀକରଣର ଏକମାତ୍ର ଉପାୟ ମଣୁଅଛି । ଏ ଲତାମଣ୍ଡପ କୌଣସି ମାଳିକର ଆବାସ ? କି ଜାଣି, ଏ ଗନ୍ଧର୍ବଲୋକ ହୋଇଥିବାରୁ ଏହା ସୁଦ୍ଧା ସମ୍ଭବ ଥାଏ । ହେଉ, ପୁନର୍ବାର ସେହି ଲତା-ମଣ୍ଡପକୁ ଯିବି । ( ଯାଉ ଯାଉ ) ମୁଁ ଲତାମଣ୍ଡପର ଯେତେ ପାଖକୁ ଯାଉଅଛି, ଲୌହକୁ ଚୁମ୍ବକ ପରି ତାହା ମତେ ସେତେ ଆକର୍ଷଣ କରୁଅଛି । ( ନିକଟକୁ ଯାଇ )

ରାଗ ବେହାଗ; ତାଳ ଆଡ଼ । ଆତ୍ମାମା ପ୍ରତି । ୪୭ ।

ଯାହାର ହୁଏ ହୃତ ଯେଉଁ ପଦାର୍ଥ
ସେ ତା ପୁରତ ଦେଖେ ନିରତ । ପଦ ।

ମୋହର କଦାରତ ନହୁ ବାଞ୍ଛିତ
ହଜିଲାବତ ନୋହେ ତ ଜ୍ଞାତ । ୧ ।

କାହିଁକି ଆକୁଳିତ ହୁଅଇ ଚିତ୍ତ
ନ ଜାଣେ ତତ୍ତ୍ୱ ଏ କି ଅଦ୍ଭୁତ । ୨ ।

( ହସି ) ଲୋକେ ଯାହାକୁ ଭ୍ରମ କହନ୍ତି, ସେ ଏହି । ଏ ଜନ୍ମରେ ଜାଗ୍ରତରେ କମ୍ବା ସ୍ୱପ୍ନରେ କେବେ ଦେଖି ନାହିଁ, ନିକଟରେ ସୁଦ୍ଧା କେବେ ଉପସ୍ଥିତ ହୋଇ ନାହିଁ, ତେବେ

ସେ କି ପଦାର୍ଥ ? ଏହା ନିଶ୍ଚୟ କରି ମୋତେ ଜାଣି ହେଉଅଛି । ଏବେ ମଣ୍ଡପର ସ୍ଫଟିକଶିଳା ତଳେ କେତେକାଳ ବିଶ୍ରାମ କରିବି । ( ତାହା କରିବା ).

( ତପସ୍ୱିନୀବେଶା ମହାଶ୍ୱେତା ଓ ତରଳିକା ପ୍ରବେଶ )

ମହାଶ୍ୱେତା— ତରଳିକେ ! ସ୍ମରଣରେ ଅଛି ? ଯେଉଁ ଦିବସ ଆମ୍ଭେ ପ୍ରଥମରେ ଏ ସ୍ଥାନକୁ ଆସିଥିଲୁଁ, ସେ ଦିବସ ମୋ ମୁଖରୁ ଏହା ବାହାରିଲା କି, ମୁଁ ସର୍ବଦା ଏଥିରେ ବାସ କରି ରହିବି, ତାହା ଯଥାର୍ଥ ହୋଇଅଛି । କି ଚମତ୍କାର !

ତରଳିକା— ଭର୍ତ୍ତୃଦାରିକେ ! ସାଧୁଜନଙ୍କର ବାକ୍ୟଦ୍ୱାରା ଭାବୀ ସୁଖ ଦୁଃଖର ସୂଚନା ହୋଇଥାଏ, ଏଥିରେ ଚମତ୍କାରିତା କଣ ଅଛି ?

ମହାଶ୍ୱେତା— ରାଗ ମୁଖାରୀ, ତାଳ ଆଡ଼, । ନଟକ ଗତ । ଖ ।

କାହିଁ କାହିଁ ସହି ମୋ ସମେ
ମହୀରେ ମହିଳା ଏତେ ହୀନ କରମେ । ପଦ ।
ସରିଛି କୁଶେଶୟ ମୋ ଜୀବନ ସମୁଦାୟ
ସରବଦା ଦୁଃଖମୟ ଏହି ଜନମେ । ୧ ।
ମୋ ପରାଣପ୍ରିୟସହ କାଦମ୍ବରୀ ସୁଖପାଇଁ
ଯେତେ ଯତନକୁ ବହି ଥିଲି ଶରମେ । ୨ ।
ଦଇବବଶୁଁ ସହିନେ ଦୁଃଖିନୀ ହେଲେହେଁ ଜନେ
ତାହା ଯା ବିଫଳ ଭଳେ ବାଧେ ମରମେ । ୩ ।

ତରଳିକା— ଭର୍ତ୍ତୃଦାରିକେ ! ଯାହା ଲାଗି ଚିରକାଳ ଦୁଃଖ ପାଇବାକୁ ହୁଏ, ପରେ ତାହା ପ୍ରାପ୍ତ ହେଲେ କୋଟିଗୁଣିତ ସୁଖ ହୁଏ ।

ମହାଶ୍ୱେତା— ଦୁଃଖ ଯାଉ ଯଦି ପ୍ରାଣ ରହିବ, ତେବେ ସୁଖପ୍ରାପ୍ତି ଆଶା କରିବା ଉଚିତ । ଏବେ ତୁ ଗୁହାକୁ ଯାଇ ମୋହର ବୀଣା ଏଠାକୁ ଆଣ, ସେ ପର୍ଯ୍ୟନ୍ତ ମୁଁ ନିତ୍ୟ ନିୟମାନୁସାରେ ଥରେ ଏ ଲତାମଣ୍ଡପରେ ବସି ସେହି ଦିବ୍ୟ ପୁରୁଷଙ୍କଠାରେ କୃପା ପ୍ରାର୍ଥନା କରିବି । ( ବିଗୃର ) ତରଳିକେ ! ବୀଣା ଏଠାକୁ ନ ଆଣି ଦେବାଳୟକୁ ନିଅ, ମୁଁ ସେହିଠାକୁ ଯିବି ।

ତରଳିକା— ଯେ ଆଜ୍ଞା । ( ନିଷ୍କ୍ରାନ୍ତ )

ମହାଶ୍ୱେତା— ( ମଣ୍ଡପ ଲତାରୁ ପୁଷ୍ପ ତୋଳିବା )

ବୈଶମ୍ପାୟନ— ( ଶବ୍ଦ ଶୁଣି ଚାହିଁ ) ଜଗନ୍ମୋହିନୀ ପ୍ରତିମା ଏ କିଏ ? ଆହା ! ଏହି ତପସ୍ୱିନୀ ବେଶ ସୁନ୍ଦରୀଙ୍କ ମନୋହର ! ( ନିରୀକ୍ଷଣ କରି ) ଏହାକୁ ମୁଁ ଏଥି ପୂର୍ବେ ଦେଖି ଥିଲି ପରି ବୋଧ ହୁଏ । କେବଳ ଦେଖିବା ନୁହେ, ପରିଚୟ ଥିଲା ପରି ସୁଦ୍ଧା ପ୍ରତୀତି ହେଉଅଛି । ନୋହିଲେ ଏହାକୁ ଦେଖିବାରୁ ମନରେ ପ୍ରେମୋଲ୍ଲାସ କିପରି ହୁଅନ୍ତା ? ମୁଁ ଯେଉଁ ପଦାର୍ଥ ହରାଇଥିଲି, ସେ ଏହି ହୋଇଥିବ । କିନ୍ତୁ କି ଆଶ୍ଚର୍ଯ୍ୟ ! ଏହାର ମୋହର ପରିଚୟ କେବେ ହେଲା ? ଏ ଜନ୍ମରେ ? ବା ଅନ୍ୟ ଜନ୍ମରେ ? ଏ ନିକଟକୁ ଆସୁଅଛି, ଏବେ ମୁଁ ନିଦ୍ରିତପରି ଆପଣାକୁ ଦେଖାଇ ଏ ଶିଳା ତଳେ ପଡ଼ିବି, ମତେ ଦେଖି ଏ କି ଭାବନା କରିବ, ଦେଖାଯାଉ । ( ସେପରି କରିବା )

ମହାଶ୍ୱେତା— ହା ଜୀବିତେଶ୍ୱର ପ୍ରାଣପ୍ରିୟ ପୁଣ୍ଡରୀକ !

ବୈଶମ୍ପାୟନ—( ସ୍ୱଗତ ) ଜୀବିତେଶ୍ୱର ପୁଣ୍ଡରୀକ କିଏ ?

ମହାଶ୍ୱେତା— ହା ! କିଏ ପ୍ରତାରକ ହେବ ? (ଭିତରକୁ ଚାହିଁ ବିସ୍ମୟ) ଏ ଶିଳା ତଳେ କିଏ ନିଦ୍ରିତ ଅଛନ୍ତି ? ( ବିଶେଷ ଆନନ୍ଦରେ ) ବୋଧ ହୁଏ ସେହି ଦିବ୍ୟ ପୁରୁଷ ନିଜ ବାକ୍ୟ ସତ୍ୟ କରିଅଛନ୍ତି । ( ନିରୀକ୍ଷଣ କରି ) ମୁଖ ଉପରେ ଉତ୍ତରୀୟ ପଡ଼ିଥିଲେ ସୁଦ୍ଧା ଶରୀରର ସେହି ତେଜ ଛପୁ ନାହିଁ ।

ବୈଶମ୍ପାୟନ— (ସ୍ୱଗତ) ମତେ ଏ ଚିହ୍ନିଅଛି ? ହେଉ, ଆଗେ ଜଣା ଯିବ ।

ମହାଶ୍ୱେତା— ( ନିକଟକୁ ଯାଇ ) ନାଥ ! ତୁମ୍ଭର ପୂର୍ବର ଜଟା ବଳ୍କଳ ଯାଇ ଏ ବସ୍ତ୍ରାଳଙ୍କାର କେଉଁଠାରୁ ଆସିଅଛି ?

ବୈଶମ୍ପାୟନ— (ସ୍ୱଗତ) ମୋହର ଜଟା ବଳ୍କଳ କେବେ ଥିଲା ?

ମହାଶ୍ୱେତା— ବୁଝିଲି, ମୋ ପାଣିଗ୍ରହଣ କଲେ ତୁମ୍ଭେ ଗୃହସ୍ଥ ଧର୍ମରେ ରହିବ ଭାବି ସେ ଦିବ୍ୟ ପୁରୁଷ ତୁମ୍ଭଙ୍କୁ ଏହି ଦିବ୍ୟ ବସ୍ତ୍ରାଭରଣ ଦେଇଥିବେ । ପ୍ରାଣେଶ ! ମୋ ବାଟ ଚାହିଁ ଚାହିଁ ତୁମ୍ଭଙ୍କୁ ନିଦ୍ରା ଲାଗିଅଛି, ଦୀର୍ଘ ବିରହ ପରେ ମତେ ଦେଖିବା-ଉତ୍କଣ୍ଠା କାହିଁ ଗଲା ?

ବୈଶମ୍ପାୟନ— ସେ ଦିବ୍ୟ ପୁରୁଷ କିଏ ? କିଛି ଜଣା ଗଲା ନାହିଁ । ଏପର୍ଯ୍ୟନ୍ତ ସମସ୍ତ ଉଦ୍ଭ୍ରମ ହୋଇଅଛି, ଏଣିକି ମୁଖାବଲୋକନ କରି ନ ବିଚାର କରିବି, ଦେଖା ଯାଉ ।

ମହାଶ୍ୱେତା— ( ମୁଖରୁ ଉତ୍ତରୀୟ ବାହାର କରି ବିସ୍ମୟରେ ଦୂର ହୋଇ) ଏ କିଏ ? ଏ ଜଣେ ଅନ୍ୟ ତରୁଣ ତେଜସ୍ୱୀ ବ୍ରାହ୍ମଣ ! କି ଦୁର୍ଘଟଣା ! ( କପାଳରେ ହାତ ମାରି ) ଦୈବ ! ଏହିପରି ପଦେ ପଦେ ମୋହର ବିଡ଼ମ୍ବନା କରିବା ଅପେକ୍ଷା ଏକାଥରେ ମୋ ପ୍ରାଣ କାହିଁକି ନେଉ ନାହୁଁ ? ( ଯିବାକୁ ଉଦ୍ୟତା ହେବା )

ବୈଶମ୍ପାୟନ— ( ଉଠି ସ୍ୱଗତ ) ହା ହା ! ମୋ ମନୋରଥ ସକଳ ବିନଷ୍ଟ ହୋଇଅଛି, ଏ ମୋ ଉପରେ ବିରକ୍ତା ହୋଇ ଏଠାରୁ

ଯାଉଅଛୁ, ତା ପଛେ ପଛେ ମୋ ପ୍ରାଣ ସୁଦ୍ଧା ଗୋଡ଼ାଉ-
ଅଛୁ । ( ପ୍ରକାଶ ) ସୁନ୍ଦରି ! ମନରେ କୌଣସି ଆଶା ଧରି
ଏଠାକୁ ଆସି ଏବେ ନିରାଶାରେ ବାହୁଡ଼ି ଯିବା ଉଚିତ କି ?

ମହାଶ୍ୱେତା— ମୋ ସମାନ ତପସ୍ୱିନୀର ଆଶା ଏବଂ ନିରାଶା ଏକ ।

ବୈଶମ୍ପାୟନ— ସୁନ୍ଦରି ! ଜଗତରେ ସକଳ ଜନ ନିଜ ନିଜ ଜନ୍ମ ବୟସ
ଆକୃତିର ଅସଦୃଶ ଆଚରଣ କଲେ ନିନ୍ଦିତ ହୁଅନ୍ତି, ତେବେ
ଅସମ୍ଭବ ପ୍ରୟତ୍ନ କାହିଁକି ?

ରାଗ କେଦାର, ତାଳ ରୂପକ । ଏଉ୍‌ନମଲ୍ଲି ପ୍ରଭ । ୪୧ ।

ଆହା ମୃଦୁଳ ତନୁ ଅଙ୍ଗ ଦହେ କି ଖିନ୍ନ । ପଦ ।
କୁଳଶ ଦାଉ ସହେ କି କି ଶିରୀଷ ସୁମ,
ଶିଖି ପାଖରେ ନବନୀତ ରହେ କି ଘେନ,
ତପନ ତାପେ ଶେଫାଳିକା ନୋହେ କି ମ୍ଳାନ । ୧ ।
କଠୋର ତପ କ୍ଳେଶ ସହ ଏହି ଯୌବନ
ବିଫଳ କର ନୁହଇ ଏ ବିଧି ବିଧାନ,
ତରୁଣୀମଣି ତେଜି ପୁଣି କର ସ୍ୱଭବନ । ୨ ।

ଏ ସ୍ଥିତି ଦେଖି ମୋହର ଦୁଃଖ ହେଉଅଛି ।

ମହାଶ୍ୱେତା— ( ସ୍ୱଗତ ) ଏଠାରେ ଏକାକିନୀ ରହିବା ଅମଙ୍ଗଳ । ଏହାଙ୍କୁ
ଦେଖି ଏହାଙ୍କ ନାମ ଧାମ ପଚାରି ବୁଝିବା ଭାବନା ଥିଲି,
କିନ୍ତୁ ଏବେ ଏହା କରିବା ଉଚିତ ନୁହେ । ( ଯିବା )

ବୈଶମ୍ପାୟନ— ( ପଛେ ଯାଇ ) ଯଦି ଜୀବଲୋକ ସୁଖରୁ ପରାଙ୍ମୁଖୀ ହୋଇ
ଏ କ୍ଳେଶ ପାଇବା ଇଚ୍ଛା କରୁ, ତେବେ ମନ୍ମଥର ଧନୁ ଧରିବା
ବୃଥା, ଚନ୍ଦ୍ରୋଦୟ ନିଷ୍ଫଳ, ବସନ୍ତାଗମ ବ୍ୟର୍ଥ, କୁସୁମ ବିକାଶ
ଅକାରଣ ।

ମହାଶ୍ୱେତା— ( ସକ୍ରୋଧ ) ତୁମ୍ଭର ମନୋଗତ ଭାବ ବୁଝିଲି । ଏହି ସୌମ୍ୟ
ଆକୃତି ମୁଖରୁ ଏହିପରି ନୀଚ ଭାଷଣ ବାହାରିବ, ଏହା

ପ୍ରଥମେ ମୁଁ ଜାଣି ନ ଥିଲି । ହେଲା କଥା ହେଲା, ଏବେ ଏଠାରୁ ଅନ୍ୟ ଆଡ଼େ ଯାଅ ।

ବୈଶମ୍ପାୟନ—ସୁନ୍ଦରି ! ମୋ ଉପରେ ନିଷ୍ଠୁରା ହୁଅ, ଚିନ୍ତା ନାହିଁ, କିନ୍ତୁ ଏହି ଯୌବନ ସୌନ୍ଦର୍ଯ୍ୟ ପ୍ରତି ନିଷ୍ଠୁରା ହୁଅ ନା, ଏହା ଦେଖି ମୋହର ଖେଦ ହେଉଅଛି, ହେଉ କି—

ରାଗ ସୁରଟ, ତାଳ ଆଟ । ତୁମାନେ ଦେଖେଲେ ପ୍ରତି ।୫୦।
ନବୀନା ଶ୍ରବନା ନାର ମନେ, କରକରଦନା ସରସିଜବଦନେ ।
। ପଦ ।

ନବ ସମ୍ପୃ ସ୍ଥାୟୀ ନବ ଯୌବନ ପାଇ
ଅବନୀରେ କେ ନାହିଁ ଭୋଗ ବିହୀନେ,
ଷଟ୍‌ପଦରହିତ ଫୁଟି କେତକୀ ଲତା
ଜନମ ବିଫଳ ତା ଅଟଇ ଭୁବନେ ।୧।
ଚିର ଆଶାମ୍ବୀ ଅତି-ଶମ୍ଭୁ ଅନନ୍ୟଗତି
ଶୃଙ୍ଗକପୋତ ପ୍ରତି ଜୀବନ ଦାନେ,
ବାଲା ନବ ଜୀମୂତ ମାଲା କୃପଣବତ
ହେଲା କିରେ କି ମତ୍ତବାରଣଗମନେ ।୨।

ମହାଶ୍ୱେତା—( ସକ୍ରୋଧ ) ଆଉ ଥରେ କହୁଅଛି କି, ଏଠାରୁ ଯାଅ, ନୋହିଲେ ଅବଶ୍ୟ ଅନର୍ଥ ଘଟିବ ।

ବୈଶମ୍ପାୟନ—ସୁନ୍ଦରି ! ଗଲେ ସୁଦ୍ଧା ଅନର୍ଥ କିପରି ଯିବ ? ଦେଖ, ଏଥିପୂର୍ବେ ମୁଁ ତତେ ହେବେ ନ ଦେଖି ସୁଦ୍ଧା ତୋ ବର୍ଣ୍ଣନରେ ମରଣୋନ୍ମୁଖ ହୋଇଥିଲି, ଏବେ ତୋ ରୂପ ପ୍ରତ୍ୟକ୍ଷ କରି ମୋହିତ ହେଲି । କେବେ ତତେ ଛାଡ଼ି କିପରି ପ୍ରାଣ ଧାରଣ କରିବି ? ( ସ୍ପର୍ଶ କରିବା ଲାଗି ହାତ ବଢ଼ାଇ ) ଅତଏବ ସୁଗାହି ! ମୋ ଉପରେ ଅନୁଗ୍ରହ କର ।

ମହାଶ୍ୱେତା— ( ପଛକୁ ଘୁଞ୍ଚି ) ହାଁ, ସାବଧାନ ! ଆଉ ଏକ ପଦ ମୁଦ୍ଧା ଆଗେ ବଢ଼ିଲେ ଦେଖ—ତରଳିକେ, ଶୀଘ୍ର ଧାଇଁ ଆସ, ଏ ଦେଖ କୌଣସି ଅଧମ—

ତରଳିକା — ( ଧାଇଁ ଆସି ) ଭର୍ତ୍ତୃଦାରିକେ ! କିଏ ? କିଏ ?

ମହାଶ୍ୱେତା— ତରଳିକା ! ତୁ ଆସିବାରୁ ବଞ୍ଚି ଗଲି, ନୋହିଲେ ଏ ଦୁର୍-ଭାଷଣର ଫଳ ଏବେ ପାଇଥାନ୍ତି !

ତରଳିକା — ରେ ରେ ନିର୍ଲଜ୍ଜ ! ଜାଣି ଶୁଣି କାଳସର୍ପିଣୀ ଉପରେ ପଦ ଦେଉଅଛୁ ? ଯା ଯା ଶୀଘ୍ର ଏଠାରୁ, ଖମ୍ପର କାହିଁକି ଠିଆ ହୋଇଅଛୁ ? ସମ୍ଭାଳ ରହ, ପୁନର୍ବାର ଏଆଡ଼େ ଆସିଲେ ତାହାର ଫଳ ପାଇବୁ । ଭର୍ତ୍ତୃଦାରିକେ ! ଚାଲ ।

ମହାଶ୍ୱେତା— ଚାଲ, ( ଯାଉଁ ଯାଉଁ ସ୍ୱଗତ ) ଏ କି ବିଚିତ୍ର ଦେବଗତି ! ଏ କିଏ ? ପୂର୍ବପରିଚିତପରି ସାଦର ସମ୍ଭାଷଣ କଲା । ସେ କିଏ ହେଉ, ସେ ଚନ୍ତ୍ରା କାହିଁକି ?

( ମହାଶ୍ୱେତା ତରଳିକା ନିଷ୍କ୍ରାନ୍ତ )

ବୈଶମ୍ପାୟନ—( ନିଶ୍ୱାସ ଛାଡ଼ି ) ପ୍ରଥମ ଗ୍ରାସରେ ମକ୍ଷିକାପାତ ହେଲା । ଏହାଙ୍କୁ ଦେଖି ମୋହର ଦୁଃଖାନ୍ତ ହେଲା, ମନେ କରିଥିଲି । ଦୈବ ଦୁର୍ବିଳସିତରୁ ତାହା ଅନ୍ୟଥା ହୋଇଅଛି, ଏବେ କଅଣ କରିବି ? ମୋ ମନ ସେହି ତରୁଣୀର ରୂପସାଗରରେ ମଗ୍ନ ହେଲା, ତାହା ବିନା ଜଗତରେ ଅନ୍ୟ କିଛି ଦିଶୁ ନାହିଁ । ହେଉ ପୁନର୍ବାର ତାହାଙ୍କୁ ଦେଖିବାକୁ ଚେଷ୍ଟା କରିବି । ( ନିଷ୍କ୍ରାନ୍ତ )

( ଦୃଶ୍ୟ ଚୈତ୍ରରଥ ବନ । ପ୍ରବାସୀବେଶ ଚନ୍ଦ୍ରାପୀଡ଼ ପ୍ରବେଶ )

ଚନ୍ଦ୍ରାପୀଡ଼— ସେନାପତି ମୁଖରୁ ମିତ୍ରଙ୍କ ବାର୍ତ୍ତା ଶୁଣି ତାହାଙ୍କୁ ପ୍ରବୋଧ ଦେଇ ବାହୁଡ଼ାଇବାଲାଗି ଅତି କଷ୍ଟରେ ଗୁରୁଜନଙ୍କ ଅନୁଜ୍ଞା ନେଇ ଉଜ୍ଜୟିନୀରୁ ବାହାରିଲି । ମାର୍ଗରେ ଅଧିକ ବିଶ୍ରାମ ନ

କର ଶୀଘ୍ର ଏ ବନରେ ପହୁଞ୍ଚିଲି, ଏବେ ମିତ୍ରଙ୍କ ସ୍ଥିତି କପରି ଅଛି, ଏହା ସୁପ୍ରସ୍ତବରେ ତାହାଙ୍କ ସେବକଗଣଙ୍କଠାରୁ ବୁଝିବି ବୋଲି ସବୁ ସେନା ପରିବାର ପଛେ ଛାଡ଼ି ଏକାକୀ ଅଚ୍ଛୋଦ ତୀରକୁ ଆସିଅଛି, କିନ୍ତୁ ଏବେ ମନରେ ଏହି ଶଙ୍କା ହେଉ-ଅଛି କି, ମୋ ଆଗମନ ସାର୍ଥ ହେବ ? ମୋ ପ୍ରବୋଧନାରେ ଧ୍ୟାନ ଦେଇ ସେ ବନବାସ ଆଗ୍ରହ ଛାଡ଼ିବେ ? ତାହାଙ୍କ ମନୋଗତ ଦୁଃଖ ମୋତେ କହିବେ ? ମୋ ସଙ୍ଗେ ନଗରକୁ ବାହୁଡ଼ିବେ ?

ନେପଥ୍ୟେ —ଅମାତ୍ୟକୁମାର ବୈଶମ୍ପାୟନ !

ଚନ୍ଦ୍ରାପୀଡ଼ —ଏ ଅର୍ଦ୍ଧରାତ୍ର ସମୟରେ ମୋ ମିତ୍ରଙ୍କୁ କିଏ ଡାକୁଅଛି ?

ନେପଥ୍ୟେ —ଆମ୍ଭେମାନେ ରାତ୍ର ତୁମ୍ଭଙ୍କୁ ଜଗି ବସି ନିଦ୍ରାସୁଖ ପାଇ ନ ଥିଲୁଁ, ଏବେ ଅସାବଧାନରେ ଅଳ୍ପ ଘଣ୍ଟା ପଡ଼ିଲା ବୋଲି ତୁମ୍ଭେ ଶଯ୍ୟାରୁ ଉଠି ବାହାର ଆସିଲ ? ଏହା ତୁମ୍ଭର ଉଚିତ ?

ଚନ୍ଦ୍ରାପୀଡ଼ —ମିତ୍ରଙ୍କ ସେବକବର୍ଗରୁ ଏ ଜଣେ ତାହାଙ୍କୁ ଖୋଜୁଅଛି, କିନ୍ତୁ ଏତେ ରାତ୍ରରେ ସେ କେଉଁଠାକୁ ଗଲେ ? ( ନେପଥ୍ୟ ଆଡ଼େ ) କିଏ ଡାକୁଅଛ ?

( ଦୁଇ ସେବକ ପ୍ରବେଶ )

ପ୍ରଥମ— ଆରେ ଅନ୍ଧାରରେ ସ୍ପଷ୍ଟ ଜଣା ଯାଉ ନାହିଁ । ତଥାପି ଏହି ଆମ୍ଭର ଅମାତ୍ୟକୁମାର ବୈଶମ୍ପାୟନ, ସ୍ୱର ବଦଳାଇ କିଏ ଡାକୁଅଛୁ ବୋଲୁଅଛନ୍ତି । ତୁ ଥରେ ଦେଖ ।

ଦ୍ୱିତୀୟ— କୁମାର ! ଆମ୍ଭେ ତୁମ୍ଭଙ୍କୁ ଦେଖିଅଛୁଁ, ଏ ବନୋଦର ସମୟ ନୁହେଁ, କୃପା କରି ବାହୁଡ଼ନ୍ତୁ । ତୁମ୍ଭଙ୍କୁ ନ ଦେଖି ସବୁ ସେବକଙ୍କ ଦେହରେ ପ୍ରାଣ ନାହିଁ ।

ଚନ୍ଦ୍ରାପୀଡ଼— ( ସ୍ୱଗତ ) ଏହାଙ୍କ ଭାଷଣରୁ ବହୁ ସ୍ପଷ୍ଟରୂପେ ଜଣା ଯାଉ

ନାହିଁ ( ପ୍ରକାଶ ) ଅରେ ମୁଁ ବୈଶମ୍ପାୟନ ନୁହେ, ବରଂ ତାହାଙ୍କ ମିତ୍ର ଚନ୍ଦ୍ରାପୀଡ଼ ।

ପ୍ରଥମ— ( ସବସ୍ମୟ ପ୍ରଣାମ କରି ) ରାଜାଧିରାଜ ! ରାତି ହେବାରୁ ଚିହ୍ନି ପାରିଲୁଁ ନାହିଁ, କ୍ଷମା କରିବେ ।

ଦ୍ୱିତୀୟ— ମହାରାଜ ଏକାକୀ ହୋଇ ଏତେ ରାତ୍ରରେ ବନକୁ କାହିଁକି ଆସି-ଅଛନ୍ତି ?

ଚନ୍ଦ୍ରାପୀଡ଼— ସେ ସବୁ ପଛେ କହିବ, ମୋ ମିତ୍ର ବୈଶମ୍ପାୟନ କେଉଁଠାରେ ଅଛନ୍ତି ? ପ୍ରଥମେ ଦେଖାଅ ।

ପ୍ରଥମ— ରାଜାଧିରାଜ ! ତାହାଙ୍କୁ ଆମ୍ଭେ ଖୋଜୁଅଛୁଁ, ସେ ନିତ୍ୟ ଏକ ଲତା-ମଣ୍ଡପରେ ଶୁଅନ୍ତି, ଆଜ ସୁଦ୍ଧା ସେଠାରେ ଶୋଇଥିଲେ, ଏବେ ସେଠାରେ ନାହାନ୍ତି, ସେତେବେଳୁ ତାହାଙ୍କୁ ଚାରି ଆଡ଼ ବନରେ ବୁଲୁଅଛୁଁ, କେଉଁଠାରେ ଦଶୁ ନାହାନ୍ତି ।

ଦ୍ୱିତୀୟ— ଅରେ ସେ ଗୁମ୍ଫା ଆଡ଼େ ଯାଇଥିବେ ।

ଚନ୍ଦ୍ରାପୀଡ଼— କେଉଁ ଗୁମ୍ଫା ?

ଦ୍ୱିତୀୟ— ମହାରାଜ ! ଏ ସମୀପରେ ଅଛି, ସେ ଗୁମ୍ଫାରେ ଏକ ସୁନ୍ଦରୀ ତରୁଣୀ ତପସ୍ୱିନୀ ଅଛି, ତାହାକୁ ଦେଖିଲା ଦିନରୁ କୁମାର ବୈଶମ୍ପାୟନଙ୍କ ମନ ଅତି ଚଞ୍ଚଳ ହୋଇଅଛି । ତାହାକୁ ଦେଖିଲେ ସେ ସବୁ ପାସୋରି ଯାଉଅଛନ୍ତି ।

ଚନ୍ଦ୍ରାପୀଡ଼— ( ସ୍ୱଗତ ) ମୋହର ସ୍ୱପ୍ନ ସତ୍ୟ ହେଲା ପ୍ରାୟ ଜଣାଯାଏ । ( ପ୍ରକାଶ ) ଚାଲ, ଶୀଘ୍ର ମତେ ସେ ଗୁମ୍ଫା ନିକଟକୁ ନିଅ ।

ପ୍ରଥମ— ମହାରାଜ ! ଆସନ୍ତୁ, ଏ ମାର୍ଗ ।

ଚନ୍ଦ୍ରାପୀଡ଼— ସାକ

ଯେଉଁ ସାଧ୍ୱୀମଣି ଦର୍ଶନେ ତତ୍ତ୍ୱେ ପୂର୍ବାଗ୍ରିବ ହୁଏ ଉଦୟ,
ଦେଖିଣ ତାହାଙ୍କୁ ବୈଶମ୍ପାୟନ ମନ ହୋଇଲା ଏଡ଼େ ଅଥୟ,

ହା ହା କି ଘଟନା ଦୈବ ଘଟାଇଲା ଅଧୁନା !

( ସର୍ବେ ନିଷ୍କ୍ରାନ୍ତ । )

( ନିଦ୍ରାଭାବସ୍ଥାରେ ଶୁଭ୍ର ଶୂଳ ମୁଦ୍ରିତନେତ୍ର ବୈଶମ୍ପାୟନ ପ୍ରବେଶ )

ବୈଶମ୍ପାୟନ— କଣ କହିଲୁ ? ଯେ ଦିନ ମୁଁ ତୁମ୍ଭର ପରିଚୟ ନ ପାଇ ତୁମ୍ଭକୁ ନିଷ୍ଠୁର ଭାଷଣରେ ତାଡ଼ନ କରିଅଛି, କ୍ଷମା କର ? ଏଥିରେ କ୍ଷମାର ବିଷୟ କଣ ଅଛି ? କିନ୍ତୁ ମତେ ତୁ କିପରି ଛାଡ଼ିଲୁ ନାହିଁ ? ଏହାହିଁ ବିସ୍ମୟଜନକ । ଅଚ୍ଛା, ଏବେ ମୋ ଭାଗ୍ୟ ବଳରୁ ତୋହର ସ୍ମରଣ ହେଲା, ମୋହର ସକଳ ଦୁଃଖ ଦୂର ହେଲା, ମତେ ଗାଢ଼ାଲିଙ୍ଗନ ଦିଅ । କଣ କହିଲୁ ? ନାହିଁ ନାହିଁ, ତରଳିକା ଅସିବ । ପ୍ରିୟେ ! ତୋ ଶଙ୍କା ଯଥାର୍ଥ, ତେବେ ତତେ ମୋ ସ୍କନ୍ଧରେ ବସାଇ ନିବିଡ଼ ଏବଂ ବିଜନ ସେହି ଲତାମଣ୍ଡପକୁ ଘେନି ଯିବି, ଆଉ କେହି ଦେଖି ପାରିବେ ନାହିଁ । ଏହା ତୋ ମନକୁ ପାଇଲା ? ଅବା ଅନ୍ୟ କିଛି ଶଙ୍କା ଅଛି ? କଣ କହିଲୁ ? ଏପରି ସାହସ ଅନୁଚିତ ?

ରୂପକ ତାଳ । ଭାଗବତର ହା'ମାରେ ପ୍ରଭୁ ।ଏ ବୃ।

ପାଷିବତ୍ର ମୋହିତଦନ୍ତୁ, ଏଣିକି ମୁଁ ଶୁଣି
ପାରିବି ନାହିଁ ଆଉ କିଛି ଏଣି ଉଚ୍ଚଷଣି । ପଦ ।
ତୃପ୍ତି ପୂର୍ତ୍ତିକାମ ମତେ ନ କଲେ ରମଣି,
ଦହିବ ମୃନ୍ଥୁଁ ମୃନ୍ଥୁଁ କାମବହ୍ନି ଏକ୍ଷଣି । ୧ ।
ବିଳମ୍ବ ଅବଲମ୍ବ ନ କଲେ ଶୁଭଲକ୍ଷଣି,
କଷ୍ଟେ ଜାଣ ହେବୁ ମୋର ହତ୍ୟା କାରଣୀ । ୨ ।

( ସ୍ୱଗତ ) ମୋହର ଏହି କଠୋର ଭାଷଣ ଶୁଣି କିପରି ଦୟାର୍ଦ୍ର ଭାବ ଧାରଣ କଲା ?

(ପ୍ରକାଶ) ଆହା ପ୍ରିୟେ ! ତୋ ମନ କେଡ଼େ କୋମଳ ! (ହାତ ବଢ଼ାଇ) ହଁ ହଁ ସୁନ୍ଦରୀ ! ଲଜ୍ଜାରେ ମନେ ମନେ ହସି ଅନ୍ୟଆଡ଼େ କାହିଁକି ଯାଉଅଛ ? ମୁଖ ମୋଡ଼ ନା, ମୋ ଅଙ୍କକୁ ଆସ, ଥରେ ମାତ୍ର ଅଧରାମୃତ ପାନ କରାଅ, ମଦନର ଗର୍ବ ଖର୍ବ ହେଉ, ଦେଖିବି ପୁନର୍ବାର ସେ କିପରି ସନ୍ତାପ ଦେବ ? ଭୟ କାହିଁକି ?

(ମହାଶ୍ୱେତା ଭ୍ରମରେ ଏକ କଣ୍ଟକିତ ଲତାକୁ ଆଲିଙ୍ଗନ କରି କ୍ଷତ ବିକ୍ଷତ ହୋଇ କେନ୍ଦ୍ର ଫିଟାଇ ବିସ୍ମୟ)

କି ଅଦ୍ଭୁତ ! ସେ ସୁନ୍ଦରୀ ହଠାତ୍ ଅଦୃଶ୍ୟା ହେଲା ଏବଂ ଶୁଷ୍କ କଣ୍ଟକ ଲତା ମୋ ହାତରେ କିପରି ଲାଗିଲା ? ମୁଁ ଲତାମଣ୍ଡପରେ ଶୟନ କରିଥିଲି, ସେ ମଣ୍ଡପ କାହିଁ ? (ଚାରିଆଡ଼େ ଚାହିଁ) ଏବେ ବୁଝିଲି, ସେହି ତପସ୍ୱିନୀ ରୂପ ନିରନ୍ତର ଧ୍ୟାନ କରି ସ୍ୱପ୍ନରେ ମୁଦ୍ଧା ମୁଁ ଭ୍ରମଣ କରୁଅଛି, ନିଶ୍ଚୟରେ ସବୁ ଜଣାଗଲା (ନିଶ୍ୱାସ ଛାଡ଼ି) ହାୟ ହାୟ !

ଅନ୍ତଲୀ ଗୀତ

ପାଇଲି ପ୍ରିୟା ମୋର ପରିଚୟ, ବହୁ ପ୍ରକାରେ ମୁଁ କଲି ଅନୁନୟ,
ଭିଡ଼ିଲି ଲଗାଇ ହୃଦୟେ ହୃଦୟ, ସ୍ୱପ୍ନ କି ଏ ସକଳ ।

ଏବେ ମୁଁ ବନର କେଉଁ ଭାଗକୁ ଆସିଅଛି ? (ନିରୀକ୍ଷଣ କରି) ଆହା ! ମୋ ହୃଦୟବଲ୍ଲଭାର ଗୁହା ନିକଟକୁ ଆସିଅଛି, ତେବେ ପୁନର୍ବାର ସେ ଲତାମଣ୍ଡପକୁ ନ ଯାଇ ଏ ଗୁହାଆଡ଼େ ଯିବି । ପରେ ଯାହା ହେଉ ।

(ନିଷ୍କ୍ରାନ୍ତ)

(ଗୁହାଦ୍ୱାରସ୍ଥ ଶିଳାତଳୋପବିଷ୍ଟା ମହାଶ୍ୱେତା)

ମହାଶ୍ୱେତା— (ଚନ୍ଦ୍ରଙ୍କୁ ଚାହିଁ)

ତାଳ ଆଡ଼ା । କୋଇଲେ ପ୍ରଭୃ । ୫୬।
ସତେ କି ଦୂର ହେବ ମୋ ଦୁଃଖ । ପଦ ।
କିସୁଧାଲ୍ହାଦକ ଅସୁଖ ନାଶନ୍ତି ଏ ସୁଧାମୟୂଖ । ୧ ।

ଯାହା ହୋଇ ଜୀବ-ନାଥଙ୍କୁ ଆଣିବ ଆହା ମୋ ପାଶ । ୨ ।
ନିଷ୍ଫଳ ସଂସାରେ ସୁଖୀ ହେବ ବାରେ ଦେଖି ମୁଁ ଶ୍ରୀମୁଖ । ୩ ।

ହା ! ସେହି ଦିବ୍ୟାକୃତି ମହାପୁରୁଷଙ୍କ ବାକ୍ୟ ଆଉ ସତ୍ୟ ହେବ ନାହିଁ ? ଅଥବା ମୋ ପ୍ରତି ଅନୁକମ୍ପା ଜାତ ହେବାରୁ ଏ କେତେକାଳ ବଞ୍ଚିଥାଉ ବୋଲି ସେହି ପୁରୁଷ ଆଶ୍ୱାସ ବାଣୀ ଶୁଣାଇ ଏପର୍ଯ୍ୟନ୍ତ ଫଳିଲେ ନାହିଁ ? କପିଞ୍ଜଳ ସୁଦ୍ଧା କେଡ଼େ ନିର୍ଦ୍ଦୟ ? ଏ ପର୍ଯ୍ୟନ୍ତ ମତେ ଥରେ ସ୍ମରଣ କଲେ ନାହିଁ ? ହା ନାଥ ପୁଣ୍ଡରୀକ ! ଏ ଜନ୍ମରେ ଆଉ ସେହି ସୁନ୍ଦର ମୁଖ ଦେଖି ପାରିବି ନାହିଁ ? (ମୁଦ୍ରିତନେତ୍ର ହୋଇ ପଡ଼ିବା)

( ବୈଶମ୍ପାୟନ ପ୍ରବେଶ )

ବୈଶମ୍ପାୟନ— ଏ କିଏ ଶୟନ କରିଅଛି ? ଏ କି ସେହି ମୋ ନେତ୍ରର ଅମୃତାଞ୍ଜନଶଲାକା ? ହଁ ସେହି, ଏ ଏକାକିନୀ ଏଠାରେ ଶୟନ କରିଥିବା ଦେଖି ବୋଧ ହୁଏ, ଏଥିପୂର୍ବେ ଯାହା ଘଟିଥିଲା ତାହା ସ୍ୱପ୍ନ ନୁହେ । ଏପରି ହୋଇଥିବ, ମୁଁ ଅଧରାମୃତ ପାନ କରିବାରେ ବ୍ୟସ୍ତ ହେବାରୁ ଏ ଛଟକରେ ସେ ଲତାକୁ ଆଡ଼ କରି ସତ୍ୱର ଆସି ଏଠାରେ ଶୟନ କରିଅଛି ଏବଂ ଧାଇଁ ଆସିବା ଜନିତ ନିଶ୍ୱାସ ବାହାରୁଅଛି । ( ନିରୀକ୍ଷଣ କରି ) ମୁଁ ଆସିଲି କି ନାହିଁ ବୋଲି ତେର୍ଛା ଚାହାଁଣିରେ ଏଆଡ଼େ ଦେଖୁଅଛି । ଏବେ ନିକଟକୁ ଯିବି, ସେ କେତେ ନିଷ୍ଠୁର କଥା କହିଲେ ସୁଦ୍ଧା ମୁଁ କଦାପି ଛାଡ଼ି ଯିବି ନାହିଁ, ହେତୁ କି—

ଦଣ୍ଡି

ନିଶାରମ୍ଭ ଏ ଚନ୍ଦ୍ର କା ବିମଳ, ମୁହିଁ କାମବାଣେ ହୋଇଛି ବିହ୍ୱଳା
ବିଜନ ବନ ସୁନ୍ଦରୀ ଶୋଇଅଛି ଏକା, ଏ ସମୟେ ଆଉ କି ଅଛି ଶଙ୍କା ।
ଅତଏବ ନିକଟକୁ ଯିବି । ( ଯିବା )

ମହାଶ୍ୱେତା — ( ପଦଶବ୍ଦ ଶୁଣି ଚାହିଁ ଚମକି ଉଠି ସ୍ୱଗତ ) ଏ ସେହି ଉନ୍ମତ୍ତ ବ୍ରାହ୍ମଣପୁତ୍ର ! ହା ବିଧେ ! ମତେ ଏକାକିନୀ ଦେଖି ଯଦି ଏ ମୋ ଗାତ୍ର ସ୍ପର୍ଶ କରିବ, ତେବେ କଣ କରିବି ? ଚନ୍ଦ୍ରାପୀଡ଼ଙ୍କ ଠାରୁ ପତ୍ରଲେଖା ପୁନର୍ବାର ଆସିଅଛି କି ନାହିଁ ଏହାବୁଝି କାଦମ୍ବରୀଙ୍କୁ ଏଠାକୁ ଆଣ ବୋଲି ମୁଁ ଅଜହିଁ ତରଳିକାକୁ ପଠାଇ ଦେଇ ବଡ଼ ଅନୁଚିତ କଲି । ଏବେ ଉପାୟ ହେଲେ ଗୁହା ଭିତରକୁ ଯାଇ ଦ୍ୱାରଦେଶରେ ଶିଳାଖଣ୍ଡ ଦେଇ ରହିବି । ( ଗୁହା ଆଡ଼େ ଯିବା )

ବୈଶମ୍ପାୟନ— ( ବାଟ ଆଗୋଳି ) ପ୍ରିୟେ ! ଭିତରକୁ ଯିବୁ ? ତେବେ ଏ ବୈଶମ୍ପାୟନର ପ୍ରାଣ କେଉଁଠାରେ ରହିବ ?

ମହାଶ୍ୱେତା— ( ସ୍ୱଗତ ) ହା ! ଅତି କଠିନ ପ୍ରସଙ୍ଗ ଉପସ୍ଥିତ ହେଲା । ( ପ୍ରକାଶ ) ଆରେ ତୁ ବ୍ରାହ୍ମଣ ବୋଲି ମୁଁ ହାତ ଯୋଡ଼ି ପ୍ରାର୍ଥନା କରୁଅଛି କି ତୋ ଅମଙ୍ଗଳ ଘଟଣରୁ ମୋ କ୍ରୋଧାନଳ ଜଳିବା ପୂର୍ବରୁ ମତେ ଭିତରକୁ ଯିବାକୁ ଦେ, ନୋହିଲେ ତୁ ଏଠାରୁ ବାହାରି ଯା ।

ବୈଶମ୍ପାୟନ— ରାଗ ଆଟ । ଅଦା ମାଠ ପ୍ରଭ ।୫୩।

ଏହା ଦେଖି କିଛୁ ସହି ମୋ ଅବସ୍ଥା ଗୃହିଁ ଗୃହିଁ । ପଦ ।
ଗାଉଁ କାହିଁ ଯିବ ମୁହିଁ, ଅନ୍ୟ ଗୃହା ନ ଦିଶଇ । ୧ ।
କ୍ରୂର ସ୍ୱର ନିଷ୍ଠାକର ନେବେ ପ୍ରାଣ ସଙ୍ଗ ହୋଇ । ୨ ।
ମୁଁ ଅନାଥ ଅତି ଆର୍ତ୍ତ ଅଶରଣ ଗତି ନାହିଁ । ୩ ।
ମୋ ଜୀବନ ତୋ ଅଧୀନ, ଏ କଦନ କର ତ୍ରାହି । ୪ ।
ଶରଣାର୍ଥୀ ତ୍ରାଣ ଯତି ଧର୍ମ ବହି ଅଛୁ ବହି । ୫ ।
ଏହିକ୍ଷଣି ଯିବ ପ୍ରାଣ, ଯଦି ଲୁଣା ହେଜ ତୁହି । ୬ ।

ମହାଶ୍ୱେତା—(କ୍ରୋଧରେ ଥରି) ନିର୍ଲଜ୍ଜ ଚଣ୍ଡାଳ ! ଏପରି କହନ୍ତେ-ବେଳେ ତୋ ମସ୍ତକରେ ବଜ୍ର ପଡ଼ୁ ନାହିଁ ? ତୋ ଜିହ୍ୱା ସହସ୍ର ଖଣ୍ଡ ହେଉ ନାହିଁ ? ବୋଧ ହୁଏ ତୋ ଶରୀରରେ ସକଳ-ଲୋକଶୁଭାଶୁଭସାକ୍ଷୀଭୂତ ପଞ୍ଚମହାଭୂତ ନାହାନ୍ତି, ନୋହିଲେ ଏ ଭାଷା ମୁଖରୁ ଉଚ୍ଚାରିବାମାତ୍ରେ ଅଗ୍ନି ଭସ୍ମ କରନ୍ତା, ବାୟୁ ଉଡ଼ାଇ ନିଅନ୍ତା, ଜଳ ବୁଡ଼ାଇ ଦିଅନ୍ତା, ଭୂମି ରସାତଳକୁ ନିଅନ୍ତା, ଆକାଶ ତତେ ନିଜରୂପ ଦିଅନ୍ତା ।

ବୈଶମ୍ପାୟନ—ସୁନ୍ଦରି ! ପ୍ରଥମେ ମୋ ମଦନସନ୍ତାପ ଦୂର କର, ପଛେ ଏ ସକଳ ଘଟିଲେ ସୁଦ୍ଧା ଚିନ୍ତା ନାହିଁ । ମୁଁ ତୋ ପାଦରେ ପଡ଼ୁଛି, ଆଉ ନାହିଁ କର ନା । (ପାଦରେ ପଡ଼ିବା)

ମହାଶ୍ୱେତା—(ପାଦ ଛୁଞ୍ଚାଡ଼ି) ଛି ! ଅଧମ ପକ୍ଷୀ ! ଯେଉଁ ବିଧାତା ତତେ ମୁଖରେ ରାଗ, ପକ୍ଷପାତପ୍ରବୃତ୍ତି, ସ୍ଥାନାସ୍ଥାନ ବିଚାର ବିନା ବକବା ପ୍ରଭୃତି ଶୁକର ଗୁଣ ଦେଇଅଛି, ସେ ତତେ ସତ୍ୟ ଶୁକ କାହିଁକି ନ କଲା ? ଆଚ୍ଛା, ସେ କାର୍ଯ୍ୟ ଏବେ ମୁଁ କରିବି । (ଉପରକୁ ମୁହଁ ଅଞ୍ଜଳି କରି) ଭଗବନ୍ ଲୋକପାଳ ନିଶାନାଥ ! ଯେବେ ମୁଁ ଦେବ ପୁଣ୍ଡରୀକଙ୍କ ଦର୍ଶନ ଦିନରୁ ଏପର୍ଯ୍ୟନ୍ତ ମନରେ ସୁଦ୍ଧା ଇତର ପୁରୁଷକୁ ଚିନ୍ତା କରି ନ ଥିବି, ତେବେ ଏହି ପାପୀ କାମାନ୍ଧ ଶୁକଯୋନିରେ ପତିତ ହେଉ ।

(ବୈଶମ୍ପାୟନ ପଡ଼ି ଅଦୃଶ୍ୟ ହେବା)

(ସହସା ଚନ୍ଦ୍ରାପୀଡ଼ ପ୍ରବେଶ ।)

ଚନ୍ଦ୍ରାପୀଡ଼—ଭଗବତି ! ମୋ ବହିଃପ୍ରାଣ ସଖା କାହାନ୍ତି ?

ମହାଶ୍ୱେତା—(ସବିସ୍ମୟ) 'କୁମାର ! ଏ ସମୟରେ ଏକାକୀ ଏଠାକୁ କିପରି ଆସିଅଛ ? ତୁମ୍ଭ ସଖା କିଏ ?

ଚନ୍ଦ୍ରାପୀଡ଼— ବୈଶମ୍ପାୟନ ।

ମହାଶ୍ୱେତା— ( କପାଳରେ ହାତ ମାରି ମୌନରେ ରହିବା )

ଚନ୍ଦ୍ରାପୀଡ଼— ଭଗବତି ! ଏପରି କାହିଁକି ରହିଲ ? ଶୀଘ୍ର କହ, ମୋ ହୃଦୟ ଭିନ୍ନ ହେଉଅଛି ।

ମହାଶ୍ୱେତା— ମହାଭାଗ ! ଧୈର୍ଯ୍ୟ ଧର, ସେ ତୁମ୍ଭର ମିତ୍ର ବୋଲି ମୁଁ ଜାଣି ନାହିଁ । ହା !

ଚନ୍ଦ୍ରାପୀଡ଼— ମୋ ପ୍ରାଣମିତ୍ରଙ୍କର କଣ ହେଲା ?

ମହାଶ୍ୱେତା— ମତେ ଏକାକିନୀ ଦେଖି ସେ ମଦନସନ୍ତାପରେ ଉନ୍ମତ୍ତ ହୋଇ ବଳାତ୍କାର କରି ମୋ ଅଙ୍ଗ ସ୍ପର୍ଶ ଚେଷ୍ଟା କରିବାରୁ ମୁଁ ଅଜ୍ଞାନରେ ତାହାଙ୍କୁ 'ତୁ ଶୁକ ହୁଅ' ଏହି ଶାପ ଦେଲି । ତଦବଧି ତାହାଙ୍କ ଶରୀର ଅଦୃଶ୍ୟ ହେଲା ।

ଚନ୍ଦ୍ରାପୀଡ଼— ରାଗ ଫିହେନ୍ଦ୍ରମଧ୍ୟମ, ତାଳ ଆଦି । ଏକ୍ତାଲୋରସ୍ତୁ ପ୍ରତି ।୫୪ ।

କି ଭୟାନକ ବାର୍ତ୍ତା ଶ୍ରବଣ କଲି ହା ସଖେ ବୈଶମ୍ପାୟନ । ପଦ ।
କରିଥିଲି ମୁଁ ସଂକଳ୍ପ କେତେ, ସବୁ ନିଷ୍ଫଳ ହେଲା ତ ସତେ ।୧।
ଏକ ସମୟେ ଜନ୍ମ ପଠନ, ଏକସ୍ଥଳରେ ବାସ ଶୟନ । ୨ ।
ଭୁଞ୍ଜିବା ଅଶେଷ ସ୍ୱର୍ଗସମ୍ପତ୍ତି, କେମନ୍ତେ ଗଲ ଆଗ ସମ୍ପ୍ରତି ।୩।

ହା ସଖେ ! କର୍ମଦୋଷରୁ ତୁମ୍ଭର ସେହି ଜଗଲ୍ଲାଘ୍ୟ ଧର୍ମବୁଦ୍ଧି ଦୂର ହୋଇ ଏହି ପାପାଚାର ଜାତ ହେଲା । ଏବେ ମୋର କି ଗତି ହେବ ?

ମହାଶ୍ୱେତା— ମୁଁ ଅତି ପାପିଷ୍ଠା ହତଭାଗିନୀ, ମୋ ହେତୁରୁ ଜଗତର ବହୁ ଅମଙ୍ଗଳ ହୋଇଅଛି । ଏଣିକି ଜୀବନ ଧରିବା କେବଳ ଦୁଃଖ ସହିବା ନିମନ୍ତେ, ଅତଏବ ଶୀଘ୍ର ତୁମ୍ଭ କରସ୍ଥ ଖଡ୍ଗରେ ମୋ କଣ୍ଠ ଛେଦନ କର । ତାହା ହେଲେ ଏ କଷ୍ଟରୁ ମୋର ଉଦ୍ଧାର ହେବ ଏବଂ ତୁମ୍ଭର ସୁଦ୍ଧା ମିତ୍ରବଧର ପ୍ରତୀକାର ହେବ ।

ଚନ୍ଦ୍ରାପୀଡ଼— ( ସ୍ଖଳିତବାକ୍ୟରେ ) ଭଗବତି ! ଏବେ ମୋ କର୍ଣ୍ଣରେ କିଛି ପ୍ରବିଷ୍ଟ ହେଉ ନାହିଁ, ମୋ ହୃଦୟ ଫାଟୁଅଛି । ମୋ ଆତ୍ମା ଅନ୍ଧକାରରେ ମଗ୍ନ ହେଉଅଛି । ହା ଭଗବତି ! ତୁମ୍ଭେ କେତେ ପ୍ରକାରେ ଯତ୍ନ କଲେ ସୁଦ୍ଧା ମୋ ଅପୁଣ୍ୟରୁ ଦେବୀ କାଦମ୍ବରୀଙ୍କ ସହବାସରୁ ବଞ୍ଚିତ ହେଲି ।

ମନ୍ଦାକ୍ରାନ୍ତା ।

ହା ଦୁର୍ଦ୍ଦୈବ ! ପ୍ରିୟତମ ସଖା ସାଧୁବୃତ୍ତଙ୍କୁ ନେଇ ।
କେଉଁ ସ୍ଥାନେ ରଖିଲୁ ଗୁପତେ ମିତ ମୋହେ ଭୁଲାଇ ॥
ହା ହା ଦେବି ସ୍ମିତ ସୁବଦନେ ସୁନ୍ଦରି ସ୍ୱର୍ଣ୍ଣଗାତ୍ରି ।
ଏ ଜନ୍ମେ ହା ମୁଁ ନ ଲଭିଲି ତୋ ଦାସ୍ୟ ଗନ୍ଧର୍ବପୁତ୍ରି ॥

( ପତନ )

ମହାଶ୍ୱେତା— ହା ହା ! ମଧ୍ୟମଲୋକର ଅଳଂକାର ଉପରତ ହୋଇଅଛନ୍ତି ! ହା ବଜ୍ରହୃଦୟେ ! ମହାପାତକିନି ! ନରପିଶାଚି ! ମହା-ଶ୍ୱେତେ ! ତୁ ଜଗତର କେତେ ଅମଙ୍ଗଳ ସାଧନା କରୁଅଛୁ ! ତୋ ପ୍ରତି ମୋହିତ ହୋଇ ପ୍ରାଣପ୍ରିୟ ପୁଣ୍ଡରୀକଙ୍କ ପ୍ରାଣ ଗଲା ଏବଂ ତୋ ରୂପ ଦେଖି ଚଞ୍ଚଳ ହେଲେ ସୁଦ୍ଧା ବୈଶମ୍ପାୟନଙ୍କୁ କ୍ଷମା ନ କରି ତୁ ଶାପାନଳରେ ଦଗ୍ଧ କଲୁ ! ସେଥିଲାଗି ସର୍ବସୁଗୁଣଧାମ ମହାଭାଗ ଚନ୍ଦ୍ରାପୀଡ଼ ସୁଦ୍ଧା ବିଗତ-ଜୀବନ ହେଲେ, ଏ ସକଳ କରି ଆଉ କେଉଁ ସୁଖ ଭୋଗ କରିବାଲାଗି ପ୍ରାଣ ରଖିବୁ ? ତୋ ମିତ ଆଶାକୁ ଶତ ଶତ ଧିକ୍କାର ! ହା ହା ! ତରଳିକା ସହିତ ଏଠାକୁ କାଦମ୍ବରୀ ଆସି ନିଜ ଜୀବିତେଶ୍ୱରଙ୍କର ଏ ଦଶା ଦେଖିଲେ ତାହାର କି ଗତି ହେବ ? ସେ ମର୍ମଚ୍ଛେଦୀ ଘୋର ଦୃଶ୍ୟ ଦେଖିବା

ପୂର୍ବରୁ ଏହ ଅଚ୍ଛୋଦନୀରରେ ପ୍ରାଣ ବିସର୍ଜନ କରି ସକଳ ଯାତନାରୁ ମୁକ୍ତ ହେବି । ଏହା ବିନା ନିର୍ଜ୍ଜନରେ ଅଉ ଉଚ୍ଚ ସୁପନ୍ଥା ଦିଶୁ ନାହିଁ । ( ପରିକ୍ରମ କରି )

ନବଘଣୀ ବୃତ୍ତ ।

ଅଳପ ସମୟେ ହା ହା ହେଲ ଛୁଟେ ପଦ୍ମସାଧନୀ,
ଦ୍ୱିଜବର ବଧେ ଅଣ୍ୟା ହେଲା ଲଭେ ଅପଯଶଧ୍ୱନୀ।
ନୃପନନ୍ଦନ୍ତୁ ହା ଜାଣି ପ୍ରାଣେ ଘଟାଇଲ ଦୁର୍ଦ୍ଦଶା,
ଜଳଦ ଅଧୁନା ଭାଗ୍ୟହୀନା ନଳେ ମର ଏ ରସା ।

ନିଷ୍କ୍ରାନ୍ତ ।

( ଷଷ୍ଠାଙ୍କ ସମାପ୍ତ )

# ସପ୍ତମ ଅଙ୍କ ।

( ଦୃଶ୍ୟ କୌଣସି ବନ )

( କପିଞ୍ଜଳ ଓ ମହାରକ ପ୍ରବେଶ )

କପିଞ୍ଜଳ— ମହାଶ୍ୱେତା ଅଚ୍ଛୋଦସରରେ ପ୍ରାଣ ଦେବାଲାଗି କୃତନିଶ୍ଚୟା ହୋଇଥିଲେ, ଏ ସମୟରେ ତରଳିକା ଏବଂ ମଦଲେଖା ସଙ୍ଗେ କାଦମ୍ବରୀ ଆସି ପହଞ୍ଚିଲେ, ଏଣେ ବୈଶମ୍ପାୟନଙ୍କ ସେବକବର୍ଗ ତେଣେ ଚନ୍ଦ୍ରାପୀଡ଼ଙ୍କ ସହଗାମୀ ଭୃତ୍ୟଗଣ ଆସିଲେ । ଏକାନ୍ତ ଏ ସମସ୍ତଙ୍କ ଆର୍ତ୍ତନାଦରେ ତପୋବନ କମ୍ପମାନ ହେଲା । କାଦମ୍ବରୀ ସହଗମନସଙ୍କଳ୍ପରେ ଚନ୍ଦ୍ରାପୀଡ଼ଙ୍କ ଶବ ଅଙ୍କରେ ଗ୍ରହଣ କଲେ, ତାହାଙ୍କ କରସ୍ପର୍ଶରୁ ଚନ୍ଦ୍ରାପୀଡ଼ଦେହରୁ ଏକ ଶୀତଳ ଜ୍ୟୋତି ନିର୍ଗତ ହେଲା, ଅନନ୍ତର ଅନ୍ତରୀକ୍ଷରୁ ଅଶରୀରୀଣୀ ବାଣୀ ଶୁଭିଲା । ବତ୍ସେ ମହାଶ୍ୱେତେ ! ପୂର୍ବେ ମୁଁ କହିଅଛି ଏବେ ପୁନର୍ବାର ଆଶ୍ୱାସନା ଦେଉଅଛି ଯେ, ପୁଣ୍ଡରୀକ ଶରୀର ମୋ ଲୋକରେ ମୋ ତେଜଦ୍ୱାରା ଆପ୍ୟାୟମାନ ଅଥଚ ଅବିନାଶୀ ହୋଇ ପୁନର୍ବାର ତୋ ସମାଗମଲାଗି ରହିଅଛି । ଏବେ ଏହି ମୋହର ତେଜୋମୟ ସ୍ୱତଃ ଅବିନାଶୀ, ବିଶେଷତଃ କାଦମ୍ବରୀ କରସ୍ପର୍ଶରୁ ଆପ୍ୟାୟମାନ ଚନ୍ଦ୍ରାପୀଡ଼ଶରୀର ଶାପ କ୍ଷୟ ପର୍ଯ୍ୟନ୍ତ ତୁମ୍ଭ ଦୁହିଙ୍କ ପ୍ରତ୍ୟୟାର୍ଥ ଏହିଠାରେ ରହୁ । ଏହାକୁ ବାୟୁ ଅଗ୍ନି ଜଳ ପ୍ରଭୃତିରୁ ରକ୍ଷଣ କରି ପରିପାଳନ

ନର, ଅଳ୍ପ ଦିବସ ପରେ ତୁମ୍ଭ ଦୁହିଙ୍କ ମନୋରଥ ସାର୍ଥ ହେବ । ଏହି ଆକାଶବାଣୀରେ ଆଶା ଉତ୍ପନ୍ନ ହେବାରୁ ତୁମ୍ଭେ ପ୍ରାଣତ୍ୟାଗ ସଂକଳ୍ପ ଛାଡ଼ିଲେ, ସମ୍ପ୍ରତି ଚନ୍ଦ୍ରାପୀଡ଼ଶରୀର ପାଳନ କରି ତୁମ୍ଭେ ସେହିଠାରେ ଅଛନ୍ତି ।

ମକରନ୍ଦ— ଚନ୍ଦ୍ରାପୀଡ଼ ଏବଂ ବୈଶମ୍ପାୟନଙ୍କର ଦ୍ୱିତୀୟ ଜନ୍ମ କେଉଁଠାରେ ହେଲା ? ବର୍ତ୍ତମାନ ସେମାନେ କେଉଁ ସ୍ଥିତିରେ ଅଛନ୍ତି ?

କପିଞ୍ଜଳ— ଚନ୍ଦ୍ର ଅର୍ଥାତ୍ ଚନ୍ଦ୍ରାପୀଡ଼ ବିଦିଶା ନଗରୀର ସିଂହାସନାଧିରୂଢ଼ ତରୁଣ ରାଜା ଶୂଦ୍ରକ ଯେ ଅଳ୍ପକାଳ ପୂର୍ବେ ଅକସ୍ମାତ୍ ପରଲୋକବାସୀ ହୋଇଅଛନ୍ତି, ତାହାଙ୍କ ଦେହରେ ପ୍ରବିଷ୍ଟ ହୋଇ ରାଜ୍ୟ ଶାସନ କରୁଅଛନ୍ତି ।

ମକରନ୍ଦ— ପରକାୟ ପ୍ରବେଶ ବିଦ୍ୟା ଚନ୍ଦ୍ରଙ୍କଠାରେ ଥିବା ଆଶ୍ଚର୍ଯ୍ୟ ନୁହେ ।

କପିଞ୍ଜଳ— ସେହିପରି ଶାପବଳରୁ ଶୁକ ହୋଇ ମୋ ମିତ୍ର ପୁଣ୍ଡରୀକ ଅର୍ଥାତ୍ ବୈଶମ୍ପାୟନ ବିନ୍ଧ୍ୟାଚଳବାସୀ ହିକାଲଙ୍କ ଜାବାଳି ମହର୍ଷିଙ୍କ ଆଶ୍ରମରେ ଅଛନ୍ତି । ସେହି ମୁନିଙ୍କ ମୁଖରୁ ସମସ୍ତ ନିଜ ବୃତ୍ତାନ୍ତ ଶୁଣି ତାହାଙ୍କର ପୂର୍ବଜନ୍ମସ୍ମୃତି ଏବଂ ମନୁଷ୍ୟବାଣୀ ସମ୍ପ୍ରାପ୍ତ ହୋଇଅଛି । ଅଳ୍ପଦିବସ ପୂର୍ବେ ମୁଁ ତାହାଙ୍କୁ ଭେଟି ଆସିଅଛି ।

ମକରନ୍ଦ— ନିଜକୃତ ପ୍ରମାଦରୁ ଏବେ ତାହାଙ୍କର ଘୋର ପଶ୍ଚାତ୍ତାପ ହେଉଥିବ । ମନୁଷ୍ୟର ବାଣୀ, ମାତ୍ର ପକ୍ଷୀର ଶରୀର, ଏ ଅତ୍ୟନ୍ତ କଷ୍ଟଦାୟକ ସ୍ଥିତି । ଏହିପରି ତାହାଙ୍କର ଆଉ କେତେକାଳ ଅତୀତ ହେବ ?

କପିଞ୍ଜଳ— ସେ ଶାପରୁ ଶୀଘ୍ର ମୁକ୍ତ ହେବାଲାଗି ଗୁରୁଦେବ ଶ୍ୱେତକେତୁ କୌଣସି ମନ୍ତ୍ର ସାଧନ କରୁଅଛନ୍ତି । ପୁଣି ସେ ମୋତେ ଏହିପରି ଭବିଷ୍ୟତ ପ୍ରସଙ୍ଗ କହିଅଛନ୍ତି କି ପୁଣ୍ଡରୀକ ମାତା କମଳଲକ୍ଷ୍ମୀ

ଭୂଲୋକରେ ମାତଙ୍ଗ କନ୍ୟା ହୋଇଅଛନ୍ତି । ଅବଶ୍ୟ ପୁଣ୍ଡରୀକ ଅର୍ଥାତ୍ ଶୁକ ତାହାଙ୍କ ହସ୍ତରେ ପତିତ ହେବେ । ଅନନ୍ତର ସେ ତାହାଙ୍କୁ ନେଇ ଚନ୍ଦ୍ରାପୀଡ଼ ଅର୍ଥାତ୍ ଶୂଦ୍ରକଙ୍କୁ ଦେବେ । ସେହିଠାରେ ଅଳ୍ପକାଳ ବିରହଦୁଃଖ ଭୋଗ କରି ଦୁହେଁ ଶାପ-ବିମୁକ୍ତ ହେବେ ।

ମହାରାଜ— ମହର୍ଷିଙ୍କ ଏହି ଭବିଷ୍ୟଦ୍ବାଣୀ ଅବଶ୍ୟ ସତ୍ୟ ହେବ । ଆଚ୍ଛା, ତୁମ୍ଭେ କିପରି ଶାପମୁକ୍ତ ହେଲ ?

କପିଞ୍ଜଳ — ଯେଉଁବେଳେ ସେହି ଆକାଶସଞ୍ଚାରୀ ଋଷି ମତେ ଶାପ ଦେଇଥିଲେ, ସେତେବେଳେ ମୋ ବିନୟରୁ ଶାପାନ୍ତ ମଧ୍ୟ କହିଥିଲେ କି ଯେବେ ତୁମ୍ଭ ଆରୋହୀ ମୃତ ହେବ, ତେବେ ତତ୍କ୍ଷଣ ତୁମ୍ଭେ କୌଣସି ପୁଣ୍ୟତୋୟରେ ମଗ୍ନ ହେଲେ ନିଜ ଦେହ ପାଇବ । ତଦନୁସାରେ ଚନ୍ଦ୍ରାପୀଡ଼ଙ୍କ ଜୀବତ୍ୟାଗ ଦେଖି ପତ୍ରଲେଖା ମୋ ସଙ୍ଗେ ଅଚ୍ଛୋଦରେ ମଗ୍ନ ହେଲେ । ଅତ-ଏବ ମୁଁ ନିଜ ଦେହ ପାଇଲି ।

ମହାରାଜ— ଚନ୍ଦ୍ରାପୀଡ଼ ଏବଂ ବୈଶମ୍ପାୟନଙ୍କ ବିପଦ୍‌ବାର୍ତ୍ତା ସେମାନଙ୍କ ଗୁରୁଜନ ଶୁଣିଅଛନ୍ତି ?

କପିଞ୍ଜଳ— ନିଜ ନିଜ ପୁତ୍ରଙ୍କ ଏ ଘୋରବାର୍ତ୍ତା ଏବଂ ଆଶ୍ୱାସପ୍ରଦ ସେହି ଆକାଶବାଣୀ ବୃତ୍ତାନ୍ତ ଶୁଣି ତାରାପୀଡ଼ ଓ ବିଳାସବତୀ ଏବଂ ଶୁକନାଶ ଓ ମନୋରମା ଏ ସମସ୍ତେ ଚନ୍ଦ୍ରାପୀଡ଼ଙ୍କ ପ୍ରାଣ-ରହିତ ଦେହ ଦର୍ଶନ କରିବାଲାଗି ମହାଶ୍ୱେତାଶ୍ରମକୁ ଗମନ କଲେ । ଏ ବୃତ୍ତାନ୍ତ ଗୁରୁଙ୍କଠାରେ ନିବେଦନ କରିବା-ଲାଗି ଯିବି ।

ମହାରାଜ— ହେଉ, ମୁଁ ମଧ୍ୟ ଆଶ୍ରମକୁ ଯିବି ।

( ଦୁହେଁ ନିଷ୍କ୍ରାନ୍ତ )

{ଦୃଶ୍ୟ ମହାଶ୍ୱେତାଶ୍ରମ। ଚନ୍ଦ୍ରାପୀଡ଼ ଶବର ପୁଷ୍ପଶଯ୍ୟାଶାୟିତ, କାଦମ୍ବରୀ ତତ୍ସମୀପରେ ଆସୀନା, ମଦଲେଖା ଦଣ୍ଡାୟମାନା ।}

ତାଳ ରୂପକ । କୃପାଳ ପ୍ରଭୁ । [illegible] ।

କାଦମ୍ବରୀ— ସତେ କି ମୋ ମନୋରଥ ମୁଁ ପାଇବି । ପଦ ।

ସଜୀବ କାନ୍ତ ଶ୍ରୀମୁଖସୁଧାଂଶୁ ଚାହିଁବି,
ପ୍ରେମନୀରପୂରେ ବାରେ ଅବଗାହିବି,
ଭୁଜେ ଭୁଜ ଭିଡ଼ି ନିଜ ଅପାର ଦୁଃଖ ଶ୍ରୀପଦେ ସବୁ କହିବି ।୧।

କାଦମ୍ବରୀ— ସଖି ମଦଲେଖେ ! ଆଜକୁ ପ୍ରାୟ ଛ ମାସ ହେଲା ସେବା କରୁଅଛୁ, ଏ ଶରୀରରେ ତବେ କିଛୁ ହେଲେ ଶବ ଚିହ୍ନ ଦେଖାଯାଉଅଛି ? ଅଥବା ଅତି ପ୍ରୀତିରୁ ମନେ ଏପରି ପ୍ରତୀତ ହେଉଅଛି ?

ମଦଲେଖା— ପ୍ରତୀତ କିପରି ? ପ୍ରଥମ ଦିବସାବଧି ମୁଁ ଉତ୍ତମରୂପେ ନିରୀକ୍ଷଣ କରୁଅଛି । ସେହି ସଖୀଙ୍କ ମୁଖକମଳ, ସେହି ସୁସ୍ନିଗ୍ଧ କୁନ୍ତଳକଲାପ, ସେହି ଖଣ୍ଡଚନ୍ଦ୍ରଲଲାଟ, ସେହି ନୀଳୋତ୍ପଳନିଭ ଲୋଚନଯୁଗଳ, ସେହି ଅମ୍ଳାନ କିଶଳୟଛବି ଅଧର, ସେହି ସହଜ ଲାବଣ୍ୟଯୁକ୍ତ ଶରୀର, ଏ ସକଳର ଲେଶମାତ୍ର ପରିବର୍ତ୍ତନ ହୋଇ ନାହିଁ । ଅତଏବ ଭର୍ତ୍ତୃଦାରିକେ ! ଆକାଶବାଣୀର ପ୍ରତି ଅକ୍ଷର ସତ୍ୟ । ଏ ସବୁ ତୁମ୍ଭର କରସ୍ପର୍ଶର ପ୍ରଭାବ ।

କାଦମ୍ବରୀ— ସଖି ! ଆକାଶବାଣୀର ଅନେକ କଥା ଶୁଣା ଯାଇଅଛି, କିନ୍ତୁ ଏତାଦୃଶ ଚମତ୍କାରପୂର୍ଣ୍ଣ ଘଟନା କେବେ ଶୁଣିଅଛୁ ?

ମଦଲେଖା— ଯଥାର୍ଥରେ ଏ ଘଟନା ଚମତ୍କାରପୂର୍ଣ୍ଣ, କିନ୍ତୁ ଏ ପ୍ରତ୍ୟକ୍ଷ ଚନ୍ଦ୍ରାବତାର, ଅତଏବ ସବୁ ସମ୍ଭବ ପାରେ ।

କାଦମ୍ବରୀ— ମଦଲେଖେ ! କି ବିଚିତ୍ର ! ମୁଁ ଏ ମୁଖରେ ଏକାଗ୍ର ଦୃଷ୍ଟି ଦେଇ ବସିଥିଲା ସମୟରେ କେବେକେବେ ମତେ ପ୍ରତୀତ ହୁଏ କି ମତେ ଚାହିଁ ଏ ହସୁଅଛନ୍ତି ଏବଂ କିଛି ସମ୍ଭାଷଣ କରିବା ସୂଚନା କରୁଅଛନ୍ତି ।

ମ. ଲେଖା— ଏ କେବେ ସଜୀବ ହେବେ, ଏହି ଉତ୍କଣ୍ଠାରେ ନିରନ୍ତର ଏହାଙ୍କୁ ଚାହିଁ ବସିବାରୁ ଏପରି ପ୍ରତୀତ ହେଉଅଛି ।

କାଦମ୍ବରୀ— ( ସନିଶ୍ୱାସ ) ହା ! ସତେ କି ମୋ ପ୍ରିୟତମଙ୍କ ଶାପ ଅନ୍ତ ହୋଇ ମୋହର ସୁଖ ଦିବସ ଆସିବ ? ହା ! ସତେ କି ମହାଶ୍ୱେତା ପୁଣି ମୁଁ ଏ ବିପଦସାଗରରୁ ଉତ୍ତୀର୍ଣ୍ଣ ହୋଇ ନିଜ ନିଜ ବାଞ୍ଛିତ ପାଇବୁଁ ?

ମଦଲେଖା— ଭର୍ତ୍ତୃଦାରିକେ ! ଏ ଖେଦ କାହିଁକି ? କପିଞ୍ଜଳ କହିଲାପରି ଏ ସ୍ଥିତି ଦୀର୍ଘକାଳ ରହିବ ନାହିଁ ।

( ସତ୍ୱର କେୟୂରକ ପ୍ରବେଶ )

କେୟୂରକ— ଦେବି ! ପ୍ରଣାମ କରୁଅଛି ।

ମଦଲେଖା— କେୟୂରକ ! ଉଦ୍‌ବେଗରେ କାହିଁକି ଧାଇଁ ଆସିଲୁ ?

କେୟୂରକ— ଉଜ୍ଜୟିନୀରୁ ଦେବ ତାରାପୀଡ଼ ଓ ବିଳାସବତୀ ଏବଂ ଆର୍ଯ୍ୟ ଶୁକନାସ ଓ ମନୋରମା ଏ ମହାଭାଗଙ୍କ ଦର୍ଶନ ନିମନ୍ତେ ଆସୁଅଛନ୍ତି ।

କାଦମ୍ବରୀ— ( ସବିଷାଦ ) ସଖେ ! ଏ କି ଘଟଣା ? ମୁଁ ଏ ମୁଖ ତାହାଙ୍କୁ କିପରି ଦେଖାଇବି ? ମୋଲାଗି ତାହାଙ୍କର ପୁତ୍ରଶୋକ ହେଲା । ସେହି ବୃଦ୍ଧ ଦମ୍ପତିଙ୍କ ବିଳାପ ଶୁଣିଲେ ମୋ ହୃଦୟ ବିଦୀର୍ଣ୍ଣ ହେବ, ଏବେ ମୁଁ କେଉଁଠାକୁ ଯିବି ? (ଉଠିବା)

( ସାଶ୍ରୁମୁଖୀ ବିଳାସବତୀ ସହିତ ତାରାପୀଡ଼ ପ୍ରବେଶ )

ବିଳାସବତୀ— ( କାତର ଦୃଷ୍ଟିରେ) କାହିଁ କାହିଁ ମୋ ହୃଦୟହାର ଅନ୍ତର

ଚକ୍ଷୁ ନନ୍ଦନ କେଉଁ ଠାରେ ଅଛୁ ? ଶୀଘ୍ର କହ । ମୋ ପ୍ରାଣ ପ୍ରୟାଣୋନ୍ମୁଖ ହେଉଅଛୁ ।

ତାରାପୀଡ଼— ପ୍ରିୟେ ବିଳାସବତି ! ଏତାଦୃଶ ଅଶଙ୍କର ଏ ସମୟ ନୁହେ । ଦେଖ, ଆୟୁଷ୍ମାନ୍ ଚନ୍ଦ୍ରାପୀଡ଼ ପୁଷ୍ପଶଯ୍ୟାରେ ନିଦ୍ରିତ ଅଛି, ଦୂତଗଣ ବର୍ଣ୍ଣିତା ଲକ୍ଷଣପ୍ରମାଣ ଏହାର ସ୍ଥିତ ହୋଇଅଛି ।

କାଦମ୍ବରୀ— ହା ହା ! ଏ ଦୁହେଁ ମୋହର ଶାଶୁ ଶ୍ୱଶୁର ।

ବିଳାସବତୀ— ( ନିକଟକୁ ଯାଇ )

ରାଗ ତୋଡ଼ି, ତାଳ ରୂପକ । ଇନ୍ଦ୍ରାଜାଗୁ ପ୍ରତି । ୫୭ ।

ଆହା ହୃଦ ଆନନ୍ଦନ ନନ୍ଦନ ଦୁଃଖିଧନ । ପଦ ।
ଛନ୍ଦରେ ତ ପଦ୍ମପତ୍ର ନେତ୍ରଯୁଗ ନିମୀଳନ
କଲ ପ୍ରାଣେ ପ୍ରତେ ହୋଏ, ଶୁହିଁ ଶୁହିଁ ମୋ ଜୀବନ । ୧ ।
ଉଠ ଉଠ ବାବୁ ମଠ ନ କର ମୋ ଶିର ହେନ,
ମୃଦୁହାସ ପରକାଶ ବାରେ ଟେକ ଫୁଲପନ । ୨ ।
ତୋ ଜନନୀ ପାଏ ଗ୍ଳାନି ରହି ତୋହ ସନ୍ନିଧାନ,
ଏ ଉଚିତ କି କହ ତ ନ କରୁ ଯା ଆଶ୍ୱାସନ । ୩ ।

ବତ୍ସ ! ମୁଁ ଦିନେ ହେଲେ ତୋ ପ୍ରତି ରୋଷ ପ୍ରକାଶ କରି ନାହିଁ, ତେବେ ତୁ ଏପରି ରହିବା ଉଚିତ ହେଲା ?

ତାରାପୀଡ଼— ପ୍ରିୟେ ! ତୋହର ଏହି ଦାରୁଣ ଶୋକବାଣୀ ଶୁଣି ମୋ ଧୈର୍ଯ୍ୟ ରହୁ ନାହିଁ, ଏପରି ଅମଙ୍ଗଳ ଭାଷଣ କର ନା ।

ବିଳାସବତୀ— ( ନ ଶୁଣି ) ବତ୍ସ ! ମୁଁ ମନ୍ଦଭାଗିନୀ, ମୋ ସଙ୍ଗେ ଆଦର ସମ୍ଭାଷଣ ନ କଲେ ତେତେ ଚିନ୍ତା ନାହିଁ, କିନ୍ତୁ ଏ ଦେଖ ତୋ ପିତୃଦେବ ନିକଟରେ ଦଣ୍ଡାୟମାନ, ତାହାଙ୍କୁ ପ୍ରଣାମ କରିବୁ ନାହିଁ ? ଗୁରୁଜନଙ୍କୁ ଏପରି ଅବମାନନା କରିବା

ଉଚିତ ନୁହେ । ତୁ ଏତେ ନିଷ୍ଠୁର କାହିଁକି ହେଉଅଛୁ ? ଆମ୍ଭ ଦୁହିଙ୍କର ଏ ବୃଦ୍ଧାବସ୍ଥାରେ ଆଉ ଗତି କିଏ ?

(ଚନ୍ଦ୍ରାପୀଡ଼ ଉପରେ ପଡିବା)

ତାରାପୀଡ଼— (ଉଠାଇ) ପ୍ରିୟେ ବିଳାସବତି! ଏ କି ବାତୁଳତା ? ଏ ଆମ୍ଭ ସୁତ ସାମାନ୍ୟ ନର ନୁହେ, ପ୍ରତ୍ୟକ୍ଷ ହିମକର ତୋହର ପୂର୍ବସଞ୍ଚିତ ପୁଣ୍ୟବଳରୁ ତୋ ଗର୍ଭରୁ ଅବତୀର୍ଣ୍ଣ ହୋଇଅଛି । ଏବେ ଶୋକ ଛାଡ଼ି ଧୈର୍ଯ୍ୟ ଧର । ଅଳ୍ପ କାଳ ପରେ ଏ ଶାପମୁକ୍ତ ହୋଇ ତୋହର ମୋହର ଏବଂ ସକଳ ପରିବାରର ପରମାନନ୍ଦପରିବର୍ଦ୍ଧନ ହେବ ।

ବିଳାସବତୀ— ତୁମ୍ଭେ ହିମକର କିମ୍ବା ଅନ୍ୟ ଅବତାର କହ, ଏ ମୋହର ପୁତ୍ର, ଏହା ବିନା ମୋହର ଅନ୍ୟ ଜ୍ଞାନ ହେଉ ନାହିଁ ।

ତାରାପୀଡ଼— ତାହା ନିଶ୍ଚୟ, କିନ୍ତୁ ଦେବି ! ଅଳ୍ପ ବିଚାର କର, ଏ ପୁତ୍ର ଦେବମୂର୍ତ୍ତି, ତେବେ ଏହାପାଇଁ ମନୁଷ୍ୟୋଚିତ ଶୋକ କରିବା ଉଚିତ ହୋଇଅଛି କି ?

ବିଳାସବତୀ— ନାଥ ! ତୁମ୍ଭ ଆଦେଶ ମୋ ଶିରୋଧାର୍ଯ୍ୟ, କିନ୍ତୁ ପୁତ୍ରସ୍ନେହ ମତେ ଶୋକସାଗରରେ ବୁଡ଼ାଉଅଛି, ମୁଁ କଣ କରିବି ?

ତାରାପୀଡ଼— ଆମ୍ଭ ପୁତ୍ରର ପ୍ରଫୁଲ୍ଲ ମୁଖକମଳ ଆମ୍ଭେ ପ୍ରତ୍ୟକ୍ଷ ଦେଖୁଅଛୁଁ, କିନ୍ତୁ—

ସାକ

ଶୁକନାସାର୍ଯ୍ୟ ଦେବୀ ମନୋରମା ଏବେ କି କରିବେ କହ,
ତାଙ୍କ ପୁତ୍ର ବୈଶମ୍ପାୟନର ଜୀବନ ସହିତେ ଦେହ
ହେଲା ପରଲୋକବାସୀ ତାହାଙ୍କୁ ଦେଇ ଶୋକ ।

ଅତଏବ ପ୍ରଥମେ ଚାଲ ସେମାନଙ୍କୁ ଆଶ୍ୱାସନା ଦେବା ଆମ୍ଭର କର୍ତ୍ତବ୍ୟ ।

କାଦମ୍ବରୀ— (ସ୍ୱଗତ) ଅତୁଳନୀୟ ପୁତ୍ରପ୍ରେମଜନିତ ଶୋକୋକ୍ତି ଶୁଣି ମୋ ହୃଦୟ ଶତଧା ବିଦୀର୍ଣ୍ଣ ହେଉଅଛି । ଦୃଷ୍ଟିଆଗେ ଅନ୍ଧକାର

ଫୋଟୁଅଛୁ, ହା ! ( ମୂର୍ଚ୍ଛା ପାଇବା )

ତାରାପୀଡ଼— ଦେବି ! ଦେଖ ଦେଖ ଘୋର ଆର୍ତ୍ତନାଦ ଶୁଣି ଗନ୍ଧର୍ବ-ରାଜପୁତ୍ରୀ କାଦମ୍ବରୀ ମୂର୍ଚ୍ଛିତା ହୋଇଅଛନ୍ତି, ଶୀଘ୍ର ତାହାଙ୍କୁ ସମାଶ୍ୱାସନା କର, ହେଲୁ କ, ଏହାଙ୍କଦ୍ୱାରା ଚନ୍ଦ୍ରାପୀଡ଼ ପୁନରୁଜ୍ଜୀବିତ ହେବ ।

ବିଳାସବତୀ— ( କାଦମ୍ବରୀଙ୍କୁ ଧରି ) ରାଜପୁତ୍ରି ! ତୁ ଏପରି ପଡ଼ି ରହିଲେ ମୋ ପୁତ୍ରର କି ଗତି ହେବ ? ତୋ ଲାଗି ଆମ୍ଭେ ପୁତ୍ରର ପ୍ରଫୁଲ୍ଲ ମୁଖ ଦେଖିଲୁଁ ଏବଂ ତାହାର ପୁନର୍ଜ୍ଜୀବନ ବିଷୟରେ ତୋଠାରେହିଁ ସକଳ ଆଶା ଭରସା ରଖିଅଛୁଁ । ଉଠ, ପୁତ୍ରି ! ଉଠ ।

କାଦମ୍ବରୀ— ( ଚେତା ପାଇ ଉଠି ସ୍ୱଗତ ) ହାୟ ! ଗୁରୁଜନ ମୋ ସେବା କରୁଅଛନ୍ତି । ( ଦୁହିଙ୍କି ପ୍ରଣାମ କରିବା )

ତାରାପୀଡ଼— ଆୟୁଷ୍ମତି ! ସୌଭାଗ୍ୟବତୀ ହୁଅ । ପୁତ୍ରି ! ଆମ୍ଭେ ପୁତ୍ର ଦର୍ଶନାର୍ଥ ଆସିଥିଲୁଁ, ସେ ମନୋରଥ ପୂର୍ଣ୍ଣ ହେଲା; ଏବେ ଆମ୍ଭେ ଯାଉଅଛୁଁ, ହେଲୁ କ, ଆମ୍ଭେ ଏଠାରେ ରହିଲେ କି ଲାଭ ? ତୁମ୍ଭେ ଏ ପର୍ଯ୍ୟନ୍ତ ଯେପରି ଆମ୍ଭ ପୁତ୍ରର ଶରୀର ସଂରକ୍ଷଣ କରି ତାହାକୁ ସତେଜ ଏବଂ ପୁଷ୍ଟ ରଖିଅଛ, ସେହିପରି ଶାପାନ୍ତ ଯାଏ କରୁଥାଅ । ପ୍ରିୟେ ! ଏବେ ଚାଲ ।

( ସେନାପତି ପ୍ରବେଶ )

ସେନାପତି— ( ପ୍ରଣାମ କରି ) ମହାରାଜ ! ଅଳ୍ପଦୂରରେ ଗୋଟିଏ ସୁରମ୍ୟ ସ୍ଥାନରେ ପଟମଣ୍ଡପ ନିର୍ମିତ ହୋଇଅଛି, ଅତଏବ ମହାରାଜ ଏବଂ ଦେବୀ ଶିବିକାରୋହଣ କରି ଯାଇ ସେଠାରେ ଶ୍ରମାପନୋଦନ କରନ୍ତୁ ।

ତାରାପୀଡ଼— ସେନାପତେ ! ଏବେ ଆମ୍ଭର ଶିବିକା ଏବଂ ଶ୍ରମାପନୋଦନର ଆବଶ୍ୟକତା ନାହିଁ, ଏ ରାଜୋଚିତ ଐଶ୍ୱର୍ଯ୍ୟ କାହିଁକି ?

ଏପର୍ଯ୍ୟନ୍ତ ନାନାବିଧ ସୁଖ ଅନୁଭବ କଲି, ତାହି ଯଥେଷ୍ଟ ।
ରାଗ ଧନ୍ୟାସି, ତାଳ ଆଦି । ନେତାନ ପ୍ରତି ।୫୭।
ଏଣିକି ଏହା ମାତ୍ର ସନ୍ତତ ହେବ ଜାଣ ଯତନ ।
ନାହିଁ ଏ ରାଜଭୋଗେ ଲାଳସା ତପ ଏକା ମୋ ଧନଂ । ପଦ ।
ନିଖିଳ ଉପଭୋଗ ବୈରାଗ୍ୟ ତରୁତଳ ସଦନ,
ଲତାଏ ଅନ୍ତଃପୁର ସ୍ତ୍ରୀ ମୃଗବୃନ୍ଦ ସୁହୃଦଜନ । ୧ ।
ନିଷ୍ପାନ୍ନ କନ୍ଦମୂଳ, ବଲ୍କଲ ତରୁ ଛିନ୍ନବସନ,
ସମିଧକୁଶବ୍ରାତସଂଗ୍ରହ ପ୍ରଜା ପଶୁପାଳନ । ୨ ।
ଆୟୁଧ ଅକ୍ଷମାଳା ଧରମ କଥା କର୍ମଭୂଷଣ,
ଜପେଚ୍ଛା ମୋକ୍ଷପ୍ରୀତି ସମର ଇନ୍ଦ୍ରିୟଙ୍କ ଦମନ । ୩ ।

ସେନାପତି— ମହାରାଜ ! କ୍ଷମା କଲେ ଜଣାଇବି । ଦେବୀ କାଦମ୍ବରୀଙ୍କ ପ୍ରସାଦରୁ ଆମ୍ଭେମାନେ ଶୀଘ୍ର ଦୁଃଖମୁକ୍ତ ହେବା, ଏହି ଆଶା ଦୃଢ଼ଭାବରେ ଉତ୍ପନ୍ନ ହେଲେ ସୁଦ୍ଧା ତୁମ୍ଭ ମୁଖରୁ ଏପରି ଉଦାସୀନତା ପ୍ରକାଶିତ ହେବା ଆମ୍ଭମାନଙ୍କ ଦୁର୍ଭାଗ୍ୟ ବୋଲିବାକୁ ହେବ । ଏହା ଧୀରଜନୋଚିତ କାର୍ଯ୍ୟ ନୁହେ । ଶ୍ରୀଚରଣରେ ମୋହର ଏହି ଜଣାଣ ।

ତାରାପୀଡ଼— ମେଘନାଦ ! ତୁମ୍ଭ ବାକ୍ୟ ସତ୍ୟ, କିନ୍ତୁ ଶୋକହେତୁରୁ ମୁଁ ଏ ବନବାସ ସ୍ୱୀକାର କରି ନାହିଁ, ଏ ମୋହର ପୂର୍ବ ସଙ୍କଳ୍ପ । ଯଥା— ଚନ୍ଦ୍ରାପୀଡ଼ ଯୁବାବସ୍ଥାରେ ପଦାର୍ପଣ କଲେ ସର୍ବ ରାଜ୍ୟଭାର ତାହାଠାରେ ଅର୍ପଣ କରି ମୁଁ ପରମାର୍ଥ ସାଧନରେ

ବ୍ରତୀ ହେବ । ସେ ସଙ୍କଳ୍ପ ଅଦ୍ୟାପି ପୂର୍ଣ୍ଣ ହୋଇ ନ ଥିଲା, ଏବେ ତାହାର ସମୟ ଉପସ୍ଥିତ ।

ସେନାପତି— ଏ ବିଷୟରେ ଆର୍ଯ୍ୟ ଶୁକନାସଙ୍କ ମତ କଣ ?

ତାରାପୀଡ଼— ଏଥିରେ ତାହାଙ୍କର ପୂର୍ଣ୍ଣ ସ୍ୱୀକାର, ତାହାଙ୍କ ସଙ୍କଳ୍ପ ସୁଦ୍ଧା ମୋତ୍ପର ।

ସେନାପତି— ଏ ବିଷୟର ମନ୍ଦ ନୁହେ, ତଥାପି ମୁଁ ଏହା ଜଣାଉଅଛି ଯେ କେତେକାଳ ନିରୀକ୍ଷଣ କରି ଯୁବରାଜ ଚନ୍ଦ୍ରାପୀଡ଼ ସିଂହାସନାରୂଢ଼ ହେଲା ପରେ—

ତାରାପୀଡ଼— ବୁଝିଲି ତୁମ୍ଭ ଅଭିପ୍ରାୟ, କିନ୍ତୁ ମେଘନାଦ ! ଜରାଗ୍ରସ୍ତ ମାନବର କର୍ଣ୍ଣରେ ଅନ୍ତକପାଶ ଲାଗିବା ଆରମ୍ଭ ହୁଏ, ଅତଏବ ସକଳ ଲୋଭ ତ୍ୟାଗ କରି ଶୀଘ୍ର ପରମାର୍ଥ ସଞ୍ଚୟରେ ଯତ୍ନବାନ୍ ହେବା ସର୍ବତୋଭାବେ ବିଧେୟ । ପୁଣି ଏହା ସୁଦ୍ଧା ବିଚାର କର ଯେ ଏ ଅବସ୍ଥାରେ ଏ ଶରୀର ନିସ୍ତାରଣ ବଳହୀନ ଏବଂ ଶୁଷ୍କମାଂସାବଶିଷ୍ଟ ହୋଇ ସୁଖଭୋଗର ଅପାତ୍ର ହୋଇଅଛି, ଏବେ ଏକମାତ୍ର ପରମାର୍ଥ ଚିନ୍ତା ବିନା ଆଉ କି ହିତକର ବିଷୟ ଅଛି ? ଅତଏବ ତୁମ୍ଭେ ଯାଇ ମୋ ପୁତ୍ର ପୁଙ୍ଗବ ଅଭିଷିକ୍ତ ହେବାଯାଏ ଆମ୍ଭ ରାଜ୍ୟରେ ପ୍ରଜାପାଳନ ଏବଂ ଶାନ୍ତିରକ୍ଷା କରିବାରେ ଯତ୍ନ କର । ଦେବି ! ଚାଲ ମହାଦେବୀଙ୍କୁ ଭେଟି ଆର୍ଯ୍ୟ ଶୁକନାସଙ୍କ ସହିତ ବନବାସ ବ୍ରତ ଆରମ୍ଭ କରିବା

( କାଦମ୍ବରୀ ପ୍ରତି ) ପତିବ୍ରତେ ! ପୁନର୍ବାର ତୁମ୍ଭଙ୍କୁ ନ କହି ରହି ପାରୁ ନାହିଁ ଯେ —

ଅଞ୍ଜଳି ।

ଉଜ୍ଜୟିନୀ ପ୍ରଜା ପ୍ରାଣ ରକ୍ଷଣ, ପୁଣି ମୋ ବଂଶ ବୃଦ୍ଧି କାରଣ,
ତୁମ୍ଭ ସଉଭାଗ୍ୟ ହେବ ଅକ୍ଷୁଣ୍ଣ ଏହି ମହାକାର୍ଯ୍ୟେ ।

ଅତଏବ ଏପର୍ଯ୍ୟନ୍ତ ଯେମନ୍ତ ନିଜ ପତିଙ୍କୁ ରକ୍ଷଣ କରିଅଛ, ଭବିଷ୍ୟତରେ ପୁଣି ସେହିପରି କରି ଯଶୋଭାଗିନୀ ହୁଅ, ଅନ୍ତର୍ଯ୍ୟାମୀ ତୁମ୍ଭର ପ୍ରଯତ୍ନ ସଫଳ କରି ଜଗତର ମଙ୍ଗଳ କରନ୍ତୁ ।
(ସେନାପତି, ତାରାପୀଡ଼, ବିଳାସବତୀ ନିଷ୍କ୍ରାନ୍ତ ।)

(ଯବନିକା ପତନ)

(ମଦଲେଖା, ତରଳିକା ପ୍ରବେଶ)

ମଦଲେଖା— ତରଳିକେ ! ମହାଶ୍ୱେତାଙ୍କୁ ଭେଟିବାକୁ ମୁଁ ବାହାରିଥିଲି, ଏ ମଧ୍ୟରେ ତୋହର ଭେଟ ହେଲା, ଅବଶ୍ୟ ଏ ସୁଶକୁନ । ଏଥିଅନ୍ତେ କେଉଁଠାକୁ ଯାଇଥିଲୁ ?

ତରଳିକା — କାଲି ରାତିରେ ଦେବୀ ମହାଶ୍ୱେତା ଗୋଟିଏ ସ୍ୱପ୍ନ ଦେଖିଥିଲେ, ତହିଁର ଫଳାଫଳ ବୁଝିବା ନିମନ୍ତେ ଆର୍ଯ୍ୟ ଶୁକନାସଙ୍କ ଆଶ୍ରମକୁ ଯାଇଥିଲି ।

ମଦଲେଖା— ସଖି ! ସେ କି ସ୍ୱପ୍ନ ?

ତରଳିକା — କେଉଁଠାରେ ପ୍ରକାଶ କରିବୁ ନାହିଁ, ସେ ସ୍ୱପ୍ନଲକ୍ଷଣ ଯଦି ସତ୍ୟ ହେବ, ତେବେ ଆମ୍ଭମାନଙ୍କର ଆନନ୍ଦସାଗର ତରଙ୍ଗିତ ହେବ ।

ମଦଲେଖା— (ସୋତ୍କଣ୍ଠ) ସଖି ! କହ କହ, କିପରି ସ୍ୱପ୍ନ ଦେଖା ଗଲା ?

ତରଳିକା — ଶୁଣ, ପାର୍ବତୀ ମାତାଙ୍କ ସହ ସାକ୍ଷାତ ପରମେଶ୍ୱର ସ୍ୱପ୍ନରେ ଦେଖା ଦେଇ ଭର୍ତ୍ତୃଦାରିକାଙ୍କୁ ଏହା କହିଲେ କି, ବତ୍ସେ

ମହାଶ୍ୱେତେ ! ତୋ ତପସ୍ୟାରୁ ମୁଁ ସନ୍ତୁଷ୍ଟ ହେଲି, ତୋହର ସକଳ କଷ୍ଟ ଗଲା । ଏଣିକି ପତି ସହିତ ଚିରକାଳ ସୁଖୋପଭୋଗ କର ।

**ମଦଲେଖା—** ପ୍ରତ୍ୟକ୍ଷ ମହେଶ୍ୱର ଏହା କହିଲେ ?

**ତରଳିକା—** ଅନନ୍ତର ଶୁଣ । ତଦନନ୍ତର ପାର୍ବତୀ ମାତା ଭର୍ତ୍ତୃଦାରିକାଙ୍କ ଅଙ୍ଗରେ ହରିଦ୍ରା ଲେପନ ଏବଂ ସୌଭାଗ୍ୟବସ୍ତ୍ର ପରିଧାନ କରାଇଲେ । ସେତେବେଳେ ଆମ୍ଭ ସ୍ୱାମିନୀ ତେଣା ଯାଇ ମଠେ ଛାଡିଲେ ।

**ମଦଲେଖା—** ଆହା ! କି ଅମୃତୋପମ ବୃତ୍ତାନ୍ତ । ମହାଶ୍ୱେତାଙ୍କ କଷ୍ଟର ଅନ୍ତ ହେଲେ ଦେବୀ କାଦମ୍ବରୀଙ୍କର ସୁଦ୍ଧା କଷ୍ଟ ଅନ୍ତ ହେଲା ବୋଲି-ବାକୁ ହେବ । ହେଉ ସଖି ! ଆଜ କାମଦେବୋତ୍ସବଦେହରୁ ଦେବୀ କାଦମ୍ବରୀ ମହାରାଜ ଚନ୍ଦ୍ରାପୀଡ଼ଙ୍କୁ ପୂଜା କରିବେ, ଏବେ ତୁ ଯାଇ ତାହା ଦେଖିବା ଲାଗି ଆସ ବୋଲି ମହାଶ୍ୱେତାଙ୍କୁ କହ ଏବଂ ତୁ ସୁଦ୍ଧା ଆସ । ଏବେ ମୁଁ ଯାଉ-ଅଛି ।

**ତରଳିକା—** ଆଚ୍ଛା ଏହିକ୍ଷଣି ତାହାଙ୍କୁ ନେଇ ଆସିବି ।

( ଦୁହେଁ ନିଷ୍କ୍ରାନ୍ତ )

{ପୂଜୋପକରଣଯୁକ୍ତ ପଲ୍ୟଙ୍କୋପବିଷ୍ଟ ଚନ୍ଦ୍ରାପୀଡ଼ ଶରୀର ପାଶରେ କାଦମ୍ବରୀ ଆସୀନା, ମଦଲେଖା ଦଣ୍ଡାୟମାନା ।}

**କାଦମ୍ବରୀ—** ସଖି ମଦଲେଖେ ! ଆଜ ମୁଁ କେଉଁ କାମଦେବଙ୍କୁ ପୂଜିବି ଜାଣିଅଛୁ ?

ତାଳ ଆଦି । ରୈକଗରବଣ୍ୟ ପ୍ରଭି । ୫୮ ।

ଦେଖ ସଖି ଏ ମୋହର ମନସିଜ,
ସୁବାସଚନ୍ଦନ କଲି ନାଥ ଅଙ୍ଗେ ଲେପନ,

ମସ୍ତକେ କଲି ସୁମନମୁକୁଟ ମଣ୍ଡନ,
ପୂଜିବ ମନ ଦେଇ ଆଜ । ପଦ ।
ସୁନ୍ଦର ଭ୍ରୂଯୁଗଳ ଅଶୋକ ସୁମକୁଣ୍ଡଳ
ଯୋଗରୁ କଲି ମଞ୍ଜୁଳ, ତେଜ ମନୁସାଜ । ୧ ।
ନଳି ଅଧିକ ଶୋଭିତ ଫୁଲଧନୁଶରେ ମିତ,
କଇଁକରବିନ୍ଦିତ ଟେକ କରକଞ୍ଜ । ୨ ।

ଏହି ଚିତ୍ରସ୍ଥ କାମଦେବ ଅପେକ୍ଷା ମୋ ନାଥ ଶତଗୁଣ ସୁନ୍ଦର ହୋଇଥିବାରୁ ମୋହର ଏହି ଭାବନା କଦାପି ଅସଙ୍ଗତ ହୋଇ ନ ପାରେ । (ଚିତ୍ର ଦେଖାଇ) ଭଲା, ଏ ଦୁହିଙ୍କ ମଧ୍ୟରେ କିଏ ମନୋହର, ତୁ କହ ।

ମଦଲେଖା —(ଦେଖି) ଭର୍ତ୍ତୃଦାରିକେ ! ଏ କଣ ପଚାରୁଅଛ ? ପ୍ରତ୍ୟକ୍ଷ ମଦନ ସଙ୍ଗେ ଚିତ୍ରସ୍ଥ ମଦନ କପରି ସମାନ ହେବ ?

କାଦମ୍ବରୀ — ସଖି ! ଯାହୋଉ ଗଲା, ସେ ମୁକ୍ତାଫଳ ହାର କେଉଁଠାରେ ଅଛି ? ତାହାକୁ କଣ୍ଠରେ ଦେଲେ ଅଧିକ ଶୋଭା ହେବ । (ହାର ଆଣି) ପ୍ରାଣେଶ୍ୱର ! ସେ ଦିନ ତୁମ୍ଭେ କ୍ରୀଡ଼ାପର୍ବତ ମଣିମନ୍ଦିରରେ ଥିବାରୁ ମୁଁ ଏହାକୁ ମଦଲେଖା ହାତରେ ପଠାଇଥିଲି । ଏବେ ସମୀପରେ ଅଛ, ଅତଏବ ମୁଁ ନିଜେ କଣ୍ଠରେ ଲମ୍ବାଇ ଦେବି । (ତାହା କର ମୁଖକୁ ଚାହିଁ) ମଦଲେଖେ ! ନାହିଁ, କାଦମ୍ବରୀର ଏତାଦୃଶ ସତ୍କାରର ମୁଁ ପାତ୍ର ନୁହେଁ, ବୋଲି ନାହାନ୍ତି ? ତେବେ ସେ ଦିନ ତୁ ମୋତେ ମିଥ୍ୟା କହିଥିଲୁ ?

ମଦଲେଖା— ସେ ଦିନ ମୁଁ ଦେଲି ବୋଲି ସେପରି କହିଥିବେ ।

କାଦମ୍ବରୀ — (ଶ୍ରବଣାଭିନୟରେ) ସଖି ! ରାତ୍ରିରେ ସୁଦ୍ଧା କୋକିଳ କଳନାଦ ?

ମଦଲେଖା— ସମ୍ପ୍ରତି ବସନ୍ତଋତୁ ବଣରୁ ପିକକୁଳ ଆମ୍ରାସବ ପାନ କରି ମତ୍ତ ହୋଇଅଛନ୍ତି ଏବଂ ଭ୍ରମେ ଗୃହିରେ ପୂଜାରମ୍ଭ କରିଥିବାରୁ କାମଦେବଙ୍କ ସ୍ତୁତିପାଠ କରୁଅଛନ୍ତି ।

କାଦମ୍ବରୀ — କାମବେଶରେ ଆଉ କ ନ୍ୟୂନତା ଅଛି ?

ମଦଲେଖା— (ଚାହିଁ ଦେଖି) ଭର୍ତ୍ତୃଦାରିକେ ! ଆହୁରି ଗୋଟିଏ ବଡ଼କଥା ରହି ଯାଇଅଛି, କ୍ରୋଧ ନ କଲେ କହିବି ।

କାଦମ୍ବରୀ — (ସ୍ୱଗତ) ଏବେ ଏ କିଛି ବିନୋଦ କରିବା ଇଚ୍ଛା କରୁଅଛି । (ପ୍ରକାଶ) କ୍ରୋଧ କାହିଁକି କରିବି ? କହ କହ ।

ମଦଲେଖା— ଦେଖ, ଏ ଚିତ୍ରରେ କାମଦେବଙ୍କ ଅଙ୍କରେ ରତି ବସିଅଛି, କିନ୍ତୁ ଏ କାମଦେବଙ୍କ ଅଙ୍କରେ କେହି ନ ଥିବାରୁ ବେଶ ଅସମ୍ପୂର୍ଣ୍ଣ ହୋଇଅଛି !

କାଦମ୍ବରୀ — (ଲଜ୍ଜାରେ) ସଖି ! ଏ ବିନୋଦ ଥାଉ, ଏବେ ଯା, ଏ ପର୍ଯ୍ୟନ୍ତ ମହାଶ୍ୱେତା ଆସିଲେ ନାହିଁ, ତାହାଙ୍କୁ ଡାକି ଆଣ, ପୂଜାକଥା କହିବୁ ନାହିଁ ।

ମଦଲେଖା— ମହାଶ୍ୱେତା ଆସିବା ମଧ୍ୟରେ କାମଦେବଙ୍କ ଅଙ୍କରେ ରତି ବସିବେ ତ ?

(ହସି ପ୍ରସ୍ଥାନ)

କାଦମ୍ବରୀ — ମୋ ମନରେ ଯାହା ଥିଲା, ସଖୀ ତାହାର ସୂଚନା କରୁଅଛି । (କିଛିକ୍ଷଣ ଚନ୍ଦ୍ରାପୀଡ଼ଙ୍କୁ ଚାହିଁ ନିଶ୍ୱାସ ଛାଡ଼ି) ପ୍ରାଣନାଥ ! ତୁମ୍ଭ ହାତରେ ଏ ପୁଷ୍ପଧନୁର୍ବାଣ ମୁହିଁ ଦେଇଅଛି, ତେବେ ମୋ ପ୍ରତି ଲକ୍ଷ କରିବା ଉଚିତ କି ? ତାହା ନ କର, ମୁଁ ଶରଣ ପଶୁଛି, ଦେଖ —

ତାଳ ଆଡ଼ା । ଖାମାଜ ପଦ ପ୍ରତି । ୫୯ ।

କ କରିବ ମୁଁ ଅବଳା, ପୁଣି ଅତି କୋମଳା । ପଦ ।

ଏକ ଦିଗେ ପୁନଃପୁନ ମୃଦୁ ଗାନ
କରଚ ମୋ ଜ୍ଞାନ ହରଇ କୋକିଳା । ୧ ।
ଅନ୍ୟ ଦିଗେ ଗନ୍ଧବହ ମକରନ୍ଦ-
କଣବାହୀ ମନ ହରଇ ବହିଲା । ୨ ।
ତହିଁପରେ କ୍ରୂର କାମର ପ୍ରହାର
କଲେ ପ୍ରାଣେଶ୍ୱର, ବୁଡ଼େ ଧୃତିଭେଲା । ୩ ।

ପ୍ରାଣେଶ୍ୱର ! ଏଣିକି ସୁଦ୍ଧା ଅନୁକମ୍ପା ହେବ ନାହିଁ ? ପୁରୁଷ ଜାତି ନିର୍ଦ୍ଦୟ ବୋଲିବା କଥା ସତ୍ୟ । ତୁମ୍ଭ ଅଙ୍କରେ କି ବସିବା ଯାଏ କଥା କହିବ ନାହିଁ ? ( ବସିବାଲାଗି ଯାଇ ଝଟକରେ ଫେରି ) ମଦଲେଖେ ! ମୁଁ ଅଙ୍କରେ ବସିବାଲାଗି ଯାଇ ନାହିଁ, କିନ୍ତୁ ନାଥଙ୍କ କଣ୍ଠର କୁସୁମଗୁଚ୍ଛ ବଙ୍କ ହୋଇ ଥିଲା, ତାହାକୁ ଯଥାସ୍ଥାନସ୍ଥିତ କରିବାହିଁ ମୋହର ଉଦ୍ଦେଶ୍ୟ । ( ଚିହ୍ନି ହସି ) ଏଠାରେ ମଦଲେଖା ନାହିଁ ? ( ଚନ୍ଦ୍ରାପୀଡ଼ଙ୍କ ଅଙ୍କରେ ବସି ଚିତ୍ରକୁ ଚାହିଁ ) ଚିତ୍ରରେ ରତି ସ୍କନ୍ଧରେ କାମଦେବଙ୍କ ହସ୍ତ ଅଛି । ସେହିପରି ମୋ ସ୍କନ୍ଧରେ ନାଥଙ୍କ ହସ୍ତ ରହିବା ଉଚିତ । (ତାହା କରି) ରତି କାମଦେବଙ୍କୁ ଦୁଇହସ୍ତରେ ଆଲିଙ୍ଗନ କରିଅଛି । ମୁଁ ତାହା ସୁଦ୍ଧା କରିବି । ( ଆଲିଙ୍ଗନ କରି ) ଆଉ ଅଳ୍ପ ଅବଶେଷ ଅଛି । ପ୍ରାଣନାଥ ! ତାହା ତୁମ୍ଭେ କରିବାକୁ ହେବ । ଦେଖ, କାମଦେବ ନିଜ ହସ୍ତରେ ରତିର ମୁଖ ଉତ୍ତୋଳନ କରି ଚୁମ୍ବିବା ଆଶାରେ ତପର ପ୍ରେମାର୍ଦ୍ର ଦୃଷ୍ଟିପାତ କରିଅଛନ୍ତି । ସେହିପରି ତୁମ୍ଭେ କାହିଁକି କରୁ ନାହିଁ ? ବୁଝିଲି, ତୁମ୍ଭେ କୋଟି ମଦନସଦୃଶ, କିନ୍ତୁ ମୁଁ ରତିର ଦାସୀ ହେବାକୁ ସୁଦ୍ଧା ଅଯୋଗ୍ୟ । ଏହା ମନେ କରି ଅନାସ୍ଥା

ପ୍ରକାଶ କରୁଅଛ ? ସେ ସବୁ ଛାଡ଼, ଏ ସମୟରେ ଯେତେ କଥା ଅଛି ସେ ସକଳ ନ ହେଲେ ମୁଁ କଦାପି ଛାଡ଼ିବି ନାହିଁ । ପ୍ରାଣପ୍ରିୟେ ! ଏତେବେଳଯାଏ କଳ୍ପନାରେହିଁ କାମଦେବ ରତିପୂଜା କରୁଥିଲି, କିନ୍ତୁ ଏବେ ମୋହର ଦେହ ଜ୍ଞାନ-ଶୂନ୍ୟ ହେଉଅଛି । ( ନିମୀଳିତ ନେତ୍ରରେ ରହିବା )

ଚନ୍ଦ୍ରାପୀଡ଼ — ( ଜୀବ ପାଇ ଚକ୍ଷୁ ଫିଟାଇ ) ଆର୍ଦ୍ର କମଳମାଳାରେ ମତେ କିଏ ବାନ୍ଧିଅଛି ? ( ନିରୀକ୍ଷଣ କରି ) ଆହାହା ! ମୋହର ପ୍ରାଣପ୍ରିୟେ ! ( ଆଲିଙ୍ଗନ କରି ) ଧନ୍ୟ ବିଧାତଃ !

ଗୀତ ।

ଅଚିନ୍ତ୍ୟ ଅନୁପମ ସାର ସୁଧାମୟ ବ୍ରହ୍ମାନନ୍ଦ ସମାନ,
ପ୍ରାଣପ୍ରିୟତମା ସଙ୍ଗସୌଖ୍ୟ ଏତେକାଳେ କରି ଘଟନ,
ମତେ ତ୍ରିଭୁବନେ ଧନ୍ୟ କରିଲ ବଦନେ ।
ପ୍ରିୟେ ! ଥରେ ନେତ୍ର ଫିଟାଇ ଦେଖ ।

କାଦମ୍ବରୀ — ( ଶୁହିଁ ଆଶ୍ଚର୍ଯ୍ୟାନନ୍ଦଲଜ୍ଜାରେ ଉଠି ନିକଟରେ ଉଭା ହେବା )

ଚନ୍ଦ୍ରାପୀଡ଼— ଏବେ ଲଜ୍ଜା କାହିଁକି ? ସେ ସମୟରେ କି କାମଦେବଠାରେ ଲଜ୍ଜା କରି ରତି ଦୂରରେ ଠିଆ ହୋଇଅଛି ?

କାଦମ୍ବରୀ — ତେବେ ତୁମ୍ଭେ ଅନେକ ସମୟରୁ ଚେତ ମୋ ହୃଦୟ ଜାଣିଥିଲ ?

ଚନ୍ଦ୍ରାପୀଡ଼— ନାହିଁ ନାହିଁ, ତୋହର ଶେଷ ପ୍ରେମାଲିଙ୍ଗନରୁ ମୁଁ ସଜୀବ ହୋଇଅଛି, କିନ୍ତୁ ତୋହର ମନୋଗତଭାବ ସକଳ ଅନ୍ତଃ-ସାକ୍ଷିରୁ ହେଉରୁ ମୁଁ ଜାଣିଅଛି । ମୁଁ କିଏ, ତାହା କପିଞ୍ଜଳ ତତେ କହିଅଛି ।

କାଦମ୍ବରୀ — ମୁଁ ସେ ସବୁ ଜାଣିଛି । ମୁଁ ତୁମ୍ଭ ସଙ୍ଗେ କଥାବାର୍ତ୍ତା ହେଉଅଛି ତାହା ମୋହର ଭୁଲ, ହେଲୁ କି ସେ ଦିନ ହିମଗୃହରେ

ସନ୍ଦିଗ୍ଧ ଭାଷଣ କରି ବାହାରି ଯାଇଥିଲ, ସେ ସନ୍ଦେହ ଅଦ୍ୟାପି ତୁମ୍ଭ ହୃଦୟରେ ଥାଇ ପାରେ ।

ଚନ୍ଦ୍ରାପୀଡ଼— ସେଦିନ ମୋହର ସନ୍ଦିଗ୍ଧ ଭାଷଣର କାରଣ ଏହି କି ମହାଶ୍ୱେତାର ଦୁଃଖ ଅନ୍ତ ନ ହେବାଯାଏ ମୁଁ କଦାପି ବିବାହ ସ୍ୱୀକାର କରିବି ନାହିଁ ବୋଲି ତୁ ପ୍ରତିଜ୍ଞା କରିଥିଲ୍, ତେବେ ମୋହର କି ଦୋଷ ?

କାଦମ୍ବରୀ — ଏବେ ମାତ୍ର ମହାଶ୍ୱେତାର ଦୁଃଖ ଅନ୍ତ ହେଲା କି ?

ଚନ୍ଦ୍ରାପୀଡ଼— ଅବଶ୍ୟ ହେଲା, ପୁଣ୍ଡରୀକ ପୁଣି ମୁଁ ଏକ କାଳରେ ଶାପମୁକ୍ତ ହେଲୁଁ । ସେ ମୋ ଲୋକରୁ ଅବତରଣ କରି ମହାଶ୍ୱେତାଙ୍କ ଠାକୁ ଗଲେ ।

ମଦଲେଖା — ( ଧାଇଁ ଆସି ) ଭର୍ତ୍ତୃଦାରିକେ ! ଗୋଟିଏ ଅତ୍ୟନ୍ତ ଆନନ୍ଦଦାୟକ ସମ୍ବାଦ ।

( ଚନ୍ଦ୍ରାପୀଡ଼ଙ୍କୁ ଚାହିଁ ଆଶ୍ଚର୍ଯ୍ୟାନନ୍ଦରେ ରହିବା )

କାଦମ୍ବରୀ — କି ସମ୍ବାଦ ?

ମଦଲେଖା— ତୁମ୍ଭ ପ୍ରାଣସଖୀଙ୍କ ତପସ୍ୟା ସଫଳ ହୋଇଅଛି । ପୁଣ୍ଡରୀକ ଆସିଅଛନ୍ତି ।

କାଦମ୍ବରୀ — ( ଅତ୍ୟାନନ୍ଦରେ ) ତେବେ ମୁଁ ଶୀଘ୍ର ଯାଇ ମହାଶ୍ୱେତାଙ୍କୁ ଭେଟିବି ।

ମଦଲେଖା— ମହାଶ୍ୱେତା ହିଁ ପୁଣ୍ଡରୀକସହ ତୁମ୍ଭଙ୍କୁ ଭେଟିବାଲାଗି ଶୀଘ୍ର ଆସୁଅଛନ୍ତି, ଏ ଦେଖ ।

( ପୁଣ୍ଡରୀକ ଓ ମହାଶ୍ୱେତା ପ୍ରବେଶ )

( ପୁଣ୍ଡରୀକ-ଚନ୍ଦ୍ରାପୀଡ଼ ଏବଂ ମହାଶ୍ୱେତା-କାଦମ୍ବରୀ ପରସ୍ପର ଆଲିଙ୍ଗନ କରିବା )

ମଦଲେଖା— ଏବେ ମୁଁ ଏହି ପରମାନନ୍ଦକର ବୃତ୍ତାନ୍ତ ମହାରାଜ ତାରାପୀଡ଼ଙ୍କୁ ଜଣାଇବି । ( ନିଷ୍କ୍ରାନ୍ତ )

ଚନ୍ଦ୍ରାପୀଡ଼— ପୁଣ୍ଡରୀକ ! ଏହି ମହାଶ୍ୱେତା ମୋ ବରଣୋପୂର୍ବ କୁଳରୁ ସମ୍ଭୂତା, ଅତଏବ ଏକ ପକ୍ଷରେ ତୁମ୍ଭେ ମୋହର ଜାମାତା ହେଲ, ଅନ୍ୟ ପକ୍ଷରେ ମୋହର ପ୍ରାଣସଖା ବୈଶମ୍ପାୟନ ଅଟ ।

ପୁଣ୍ଡରୀକ— ଚନ୍ଦ୍ରାବତାର ଚନ୍ଦ୍ରାପୀଡ଼ ! ମୁଁ ଅଷ୍ଟାରଣରେ ତୁମ୍ଭଙ୍କୁ ଶାପ ଦେଇ ମନୁଷ୍ୟଜନ୍ମସମ୍ଭବ କଷ୍ଟପରମ୍ପରା ଦେଇଅଛି, ମତେ କ୍ଷମା କର ।

ଚନ୍ଦ୍ରାପୀଡ଼— ପ୍ରିୟ ମିତ୍ର ! ତୁମ୍ଭ ଶାପରୁ ମୋହର କଷ୍ଟ ହେବା ସତେ ଥାଉ, କିନ୍ତୁ ସମସ୍ତ ମଙ୍ଗଳ ହୋଇଅଛି, ନୋହିଲେ (କାଦମ୍ବରୀଙ୍କୁ ଦେଖାଇ) ଏ ରତ୍ନ କିପରି ପ୍ରାପ୍ତ ହୁଅନ୍ତା ?

କାଦମ୍ବରୀ— (ମହାଶ୍ୱେତା ପ୍ରତି) ସଖି ! ଆମ୍ଭେ ଦୁହେଁ ଧୃଷ୍ଟତା ବଶରୁ ବିବାହ ବାଞ୍ଛା ତ୍ୟାଗ କରିଥିଲୁଁ ; କିନ୍ତୁ ପରିଶେଷରେ ତାହି ହେଲା ।

(କପିଞ୍ଜଳ ଓ ତରଳିକା ପ୍ରବେଶ)

କପିଞ୍ଜଳ— (ସାନନ୍ଦ) ଉଭୟ ମିତ୍ରଙ୍କର ଜୟ ହେଉ । ତୁମ୍ଭେ ଦୁହେଁ ଅସହ୍ୟ ବିରହ ଦୁଃଖ ଭୋଗ କରି ପରିଣାମରେ ପୂର୍ଣ୍ଣମନୋରଥ ହୋଇଅଛ ।

ପୁଣ୍ଡରୀକ— ଆସ ଆସ ପ୍ରିୟ ମିତ୍ର ! ଜାବାଳି ମୁନିଙ୍କ ଆଶ୍ରମରେ ମୁଁ ଶୁକ ରୂପରେ ଥିଲା ସମୟରେ ତୁମ୍ଭେ ମତେ ଭେଟିବା ନିମନ୍ତେ ଆସିଥିଲ, କିନ୍ତୁ ସେତେବେଳେ ତୁମ୍ଭଙ୍କୁ ଆଲିଙ୍ଗନ କରିବାରେ ମୁଁ ଅସମର୍ଥ ହୋଇ ସନ୍ତପ୍ତ ହୋଇଥିଲି, ଅତଏବ ଏବେ ଗାଢ଼ାଲିଙ୍ଗନ ଦିଅ । (ତାହା କରନ୍ତି)

ତାଲ ଅଦ୍ଧା । ସାତ କହି ଗିରିଧାରୀ ପ୍ରତି । ୬୦ ।

କି ସୁଖ ଏ ପରିରମ୍ଭ ସଙ୍ଗେ ତବ । ପଦ ।

ପାଇଲା କେତେ ହୃଦ ଆମୋଦ, ଢାଙ୍କିଲା ପର ଶିତାଭ୍ରଖୋଦ,
ପୂର୍ତ୍ତି ପିୟୂଷ ଲୁମ୍ଭ । ୧ ।
ଏହା ସମାନେ କୋଟେ ଶୀତଳ, ଶାରଦ ବଧୂ ଝରଣଜାଲ,
ହୃଦତଦନ ଅମ୍ଭ । ୨ ।
ତରକାନ୍ତ ଏ ମୁଖ ଦର୍ଶନ, ବାରେ ନ ଲଭି ଅଦେହ ଜୀବନ,
ହାରଥିଲି ମୁଁ ଦମ୍ଭ । ୩ ।

ସଖେ ! ମୋ ନିମନ୍ତେ ତୁମ୍ଭେ ଅଶ୍ୱ ହୋଇ ଏହି ଚନ୍ଦ୍ରାପୀଡ଼ଙ୍କ କଶାଘାତ ସହିଅଛ ବୋଲି ମୋ ପ୍ରତି କ୍ରୁଦ୍ଧ ହୋଇଅଛ ?

ଚନ୍ଦ୍ରାପୀଡ଼— ମିତ୍ର କପିଞ୍ଜଳ ! ମୁଁ ଦିବ୍ୟଜ୍ଞାନରହିତ ହୋଇ ତୁମ୍ଭଙ୍କୁ ଚିହ୍ନି ପାରିଲି ନାହିଁ । ଅଜ୍ଞାନରେ ତୁମ୍ଭ ଉପରେ ଆରୋହଣ କଲି । ମୋର ଏହି ଘୋର ଅପରାଧ କ୍ଷମା କର ।

କପିଞ୍ଜଳ— ଏ ବିଷୟରେ ତୁମ୍ଭ ଦୁହିଙ୍କର ଲେଶମାତ୍ର ଦୋଷ ନାହିଁ । ଭବିତବ୍ୟତାନୁସାରେ ସକଳ କଥା ହୋଇ ଯାଇଅଛି ।

ତରଳିକା— ଏ ସମୟରେ ପତ୍ରଲେଖା ଥିଲେ କେତେ ଆନନ୍ଦ ହୁଅନ୍ତା । ହେଲେ ବି ସେ ଏକ ସରସୋକ୍ତିପଣ୍ଡିତା ।

କାଦମ୍ବରୀ— ଠିକ୍ ଏହି କଥା ମୋ ମନରେ ଥିଲା । ନାଥ ! ଆମ୍ଭେମାନେ ସମସ୍ତେ ମୃତ ଏବଂ ପ୍ରତ୍ୟୁଜ୍ଜୀବିତ ହୋଇ ପରସ୍ପର ସଙ୍ଘଟିତ ହେଲୁଁ । କେବଳ ପତ୍ରଲେଖା ମାତ୍ର ଆମ୍ଭମାନଙ୍କ ମଧ୍ୟରେ ନାହିଁ । ସେ କେଉଁଠାରେ ଅଛି ?

ଚନ୍ଦ୍ରାପୀଡ଼— ପ୍ରିୟେ ! ପତ୍ରଲେଖା କଥା ଜାଣି ନାହିଁ ? ସେ ସାକ୍ଷାତ୍ ମୋହର ସ୍ତ୍ରୀ ରୋହିଣୀ । ନରଜନ୍ମରେ ମୋ ସେବା ନିମନ୍ତେ ସେ ଶୂଦ୍ରା ନାରୀଦେହ ଧାରଣ କରିଥିଲା । ଏବେ ସେ ମୋ ଲୋକରେ ଅଛି ।

କାଦମ୍ବରୀ— ( ସାଶ୍ଚର୍ଯ୍ୟ ) ତେବେ ତାହାଙ୍କଠାରେ ମୁଁ ଇତର ସଖୀ ଜ୍ଞାନ
କରି ଅପରାଧିନୀ ହୋଇଅଛି ।

ଚନ୍ଦ୍ରାପୀଡ଼— ତୁ ଅପରାଧ ଭାବୁଅଛୁ, କିନ୍ତୁ ସେ ଏ ବ୍ୟବହାରକୁ ପ୍ରସାଦ
ମନେ କରୁଅଛି । (ପୂର୍ବଦିଗକୁ ଚାହିଁ) ଦେଖ ରଜନୀ ଶେଷ
ହୋଇଅଛି ।

ତାଳ ରୂପକ । ମୁହେଁ ଲଗିଆସବଡ଼ି ପ୍ରଭ । ୬୧ ।
ଆହା କେଡ଼େ ଶୋଭା ଦିଶେ ଏ ସମୟ ଆନନ୍ଦମୟ । ପଦ ।
ଗଗନରେ ପଡ଼ି ହୃଚ୍ଛେଦେ ବହିଥିଲା ପଦ୍ମିନୀ ଖେଦେ
ଅନ୍ଧରୂପ ଶଙ୍କାକୁ ହୃଦେ ଏହା ନାଶୟ । ୧ ।
ତାହା କରିବାକୁ ବାହାର ରବି ବ୍ୟାଜେ କି ଲୁଗଧର
କରୁଅଛି ଅମ୍ବସ୍ଥାନ୍ତରର ମଣି ଉଦୟ । ୨ ।
ଏବେ ଚାଲ ପିତାଙ୍କ ଆଶ୍ରମକୁ ଯାଇ ସମସ୍ତଙ୍କୁ ବନ୍ଦନା
କରିବା ।

ନେପଥ୍ୟେ — କୁମାର ଚନ୍ଦ୍ରାପୀଡ଼ ଏବଂ ବତ୍ସ ବୈଶମ୍ପାୟନ କେଉଁଠାରେ ?

ଚନ୍ଦ୍ରାପୀଡ଼— ଏ ତାହାଙ୍କର କଣ୍ଠଧ୍ୱନି, ଦେଖ ଜନନୀ ସୁଦ୍ଧା ଆସୁଅଛନ୍ତି ।
( ବିଳାସବତୀ, ତାରାପୀଡ଼, ମନୋରମା, ଶୁକନାସ ପ୍ରବେଶ )

ଶୁକନାସ— ପୁତ୍ର ବୈଶମ୍ପାୟନ ! ତୋ ଅଦର୍ଶନରୁ ତୁ ଅପ୍ରିୟ ହେଲେ
ସୁଦ୍ଧା ଏକମାତ୍ର ପୁତ୍ର ହୋଇଥିବାରୁ— ( ନିରୀକ୍ଷଣ କରି )
ଏଠାରେ ବୈଶମ୍ପାୟନ କାହିଁ ?

କପିଞ୍ଜଳ— ଆର୍ଯ୍ୟ ଶୁକନାସ ! ଏହି ଚନ୍ଦ୍ରାବଳ୍ଲଭଧାରୀ ପୁଣ୍ଡରୀକ ତୁମ୍ଭ
ପୁତ୍ର ବୈଶମ୍ପାୟନ । ତୁମ୍ଭଠାରୁ ପୂଜ୍ୟପାଦ ଶ୍ୱେତକେତୁ
ଏହି ସନ୍ଦେଶ ଦେଇଅଛନ୍ତି କି ମୁଁ ପୁଣ୍ଡରୀକକୁ ମୁଁ
କେବଳ ସମ୍ବର୍ଦ୍ଧିତ କରିଥିଲି । କିନ୍ତୁ ଏ ତୁମ୍ଭ ଔରସରେ
ଜନ୍ମଗ୍ରହଣ କରିଅଛି । ଏହି ତୁମ୍ଭର ବୈଶମ୍ପାୟନ, ଏହାକୁ

ପର ବୋଲି ଉପେକ୍ଷା କରିବ ନାହିଁ । ଏ ଶାପମୁକ୍ତ ହେଲା-
କ୍ଷଣି ଯାହା ମୁଁ ପାଶରୁ ଅଣାଇଲି ନାହିଁ, ତାହା କେବଳ
ତୁମ୍ଭର ପୁତ୍ର ବୋଲି । ଏବେ ମୋ ଆସ୍ଥା ତାହାଠାରେ
ସ୍ଥାପନ କରି ଏ ଦେବଲୋକରୁ ମୁଁ ସର୍ବଜ୍ୟୋତିଃସ୍ୱରୂପ
ବ୍ରହ୍ମଲୋକକୁ ଯାଉଅଛୁ ।

ଶୁକନାସ— ମହାମୁନିଙ୍କ ଆଜ୍ଞା ମୋ' ଶିରୋଧାର୍ଯ୍ୟ । ଆସ ବତ୍ସ ପୁଣ୍ଡରୀକ !
( ହାତ ଧରି ) ଏ ତୋହର ମାତା ମନୋରମା ।

ତାରାପୀଡ଼— ( ନେପଥ୍ୟ ଆଡ଼େ ଚାହିଁ ) ଆର୍ଯ୍ୟ ଶୁକନାସ ! ଏ ଦେଖ
ଗନ୍ଧର୍ବରାଜ ଚିତ୍ରରଥ ଏବଂ ହଂସ ଆସୁଅଛନ୍ତି । ଆସ ଆସ
ଗନ୍ଧର୍ବରାଜ ! ( ପାଛୋଟି ନିବା )

( ସାନନ୍ଦ ଚିତ୍ରରଥ ଓ ହଂସ ପ୍ରବେଶ )

ଚିତ୍ରରଥ— ଆମ୍ଭେ କନ୍ୟାପକ୍ଷ, ତେବେ ଆମ୍ଭଙ୍କୁ ଏତେ ସମ୍ମାନ କାହିଁକ ?

ହଂସ— ଆମ୍ଭେମାନେ ତୁମ୍ଭମାନଙ୍କ ସତ୍କାର କରିବା ଉଚିତ ।

ଚିତ୍ରରଥ— ବତ୍ସେ କାଦମ୍ବରୀ ! ଏଆଡ଼େ ଆସ ।

ହଂସ— ବତ୍ସେ ମହାଶ୍ୱେତେ ! ତୁ ସୁଦ୍ଧା ଆସ ।।

ଚିତ୍ର, ହଂସ — ( ଦୁହିଙ୍କୁ ଧରି ଚନ୍ଦ୍ରାପୀଡ଼ ଓ ପୁଣ୍ଡରୀକ ପ୍ରତି )

ସାଦ ।

ମୋ ତନୟା ତୁମ୍ଭଙ୍କୁ ପ୍ରଥମେ ସ୍ୱୟଂ ବରଣ କରିଅଛି ।
ଅପୁତ୍ର ମୁଁ ଏବେ ମୋ ରାଜ୍ୟସହିତ ଏହାକୁ ପୁଣି ଦେଉଛି ।

ଚନ୍ଦ୍ରାପୀଡ଼, ପୁଣ୍ଡରୀକ — ମାନ୍ୟ ଗୁରୁବଚନ ଶିରୋଧାର୍ଯ୍ୟ କଲୁଁ ବହନ ।
( ଦୁହିଙ୍କ ପାଣିଗ୍ରହଣ କରିବା )

ଚିତ୍ରରଥ— ମହାରାଜ ତାରାପୀଡ଼ ! ମୋ ନଗରରେ ମହାସମାରୋହ-
ସହ ଏ ଦୁଇ ବିବାହ କରାଇବା ମୋହର ବାଞ୍ଛା । ଅତଏବ

ତୁମ୍ଭେ ଆସି ବିବାହୋତ୍ସବ ଶେଷ ହେବାଯାଏ ରହ ପରେ ଏହି ବନରେ ବାସ କରିବା ଆରମ୍ଭ କରିବ ।

ତାରାପୀଡ଼— ଗନ୍ଧର୍ବରାଜଙ୍କ ଇଚ୍ଛାର କି ଏ ଅନ୍ୟଥା ହୋଇ ପାରେ ?

କପିଞ୍ଜଳ— ପ୍ରିୟମିତ୍ର ଚନ୍ଦ୍ରାପୀଡ଼ ପୁଣ୍ଡରୀକ ! ଦେବତାଙ୍କ ମହର୍ଷିଙ୍କ କୃପାରୁ ସକଳ ଇଚ୍ଛା ପୂର୍ଣ୍ଣ ହେଲା । ଏବେ ତୁମ୍ଭେ ଦୁହେଁ କାଦମ୍ବରୀ ଓ ମହାଶ୍ୱେତାଙ୍କ ସଙ୍ଗେ ଜନ୍ମଭୂମି ସ୍ନେହରୁ କେବେ କେବେ ଉଜ୍ଜୟିନୀରେ, ଗନ୍ଧର୍ବରାଜ ଗୌରବରୁ କେବେ କେବେ ହେମକୂଟରେ, ରୋହିଣୀ ବନ୍ଧୁମାନଙ୍କ କେବେ କେବେ ଚନ୍ଦ୍ରଲୋକରେ, ପୁଣ୍ଡରୀକ ପ୍ରୀତିରୁ କେବେ କେବେ କମଳଲକ୍ଷ୍ମୀନିବାସ ସରୋବରରେ , କାଦମ୍ବରୀ ରୁଚି ଅନୁସାରେ କେବେ କେବେ ଇତର ରମ୍ୟ ସ୍ଥାନ ମାନଙ୍କରେ ବିହାର କରି ସର୍ବକାଳରେ ସର୍ବାବସ୍ଥାରେ ପରମାନନ୍ଦ ଲାଭ କରିବ । ଏଣିକି ଆଉ କି ଇଚ୍ଛା ଅଛି ?

ଚନ୍ଦ୍ରାପୀଡ଼— ଦେବର୍ଷିଙ୍କ କୃପାରୁ ଆମ୍ଭମାନଙ୍କର ସକଳ କାମନା ଫଳବତୀ ହୋଇଅଛି ।

ତାଳ ଆଠ । ତୁମେ ଆଉ ମହାରାଜ ପ୍ରଭୃ । ୬୨ ।

ଏବେ ହେଲ ଧନ୍ୟବାଦ ମୁଁ କଦାକ । ପଦ ।

ପ୍ରେମାମୃତରସରଙ୍ଗିଣୀ , ଶ୍ୟାମାଙ୍ଗୀ କାଦମ୍ବରୀ ,

ନାରୀରତ୍ନ ମୋ ଅଧୀନ ହେଲା ସେନ । ୧ ।

ଚିରକାଳପ୍ରିୟମିତ୍ର ଧନ ହେଲା ପରାପତ ।

ତାହା ବିନା ମୋ ଜୀବନ ଶୋଚନୀୟ । ୨ ।

ଏ ବନ୍ଧୁତା ପତିବ୍ରତା , ସୁହୃଦତା ମହାଶ୍ୱେତା ,

ହୋଇଲା ତ ତାଙ୍କ ମନୋରଥ ପୂର୍ଣ୍ଣ । ୩ ।

ତଥାପି ଏହା ହେଉ—

( ଭରତବାକ୍ୟ )

ଶିଖରିଣୀବୃତ୍ତ ।

ସଦାଭଲ ସୁଚ୍ଛନ୍ଦେ ବରଷ ଜଳ କାଳେ ବସୁମତୀ ।
ସୁଶସ୍ୟେ ସମ୍ପନ୍ନା କରୁ ଶସ୍ୟରୁଜା ହୋଇ ଜଗତୀ ।
ସଦା ଶ୍ରୀବିଶ୍ୱାତ୍ମେ ଭଜନ୍ତ କରୁ କାନ୍ତା ପତିପଦେ ।
ସ୍ୱଧର୍ମେ ବର୍ତ୍ତନ୍ତୁ ଭ୍ରମ ନ ଗଣି ଲୋକେ ଅତିମୁଦେ ॥

କପିଞ୍ଜଳ— ତଥାସ୍ତୁ ।

ତାଲାରୂପକ । ମଙ୍ଗଳ । ୬୩ ।

ଶ୍ରୀଧନ୍ୟବର ପରିପୂର । ପଦ ।

ହେ ପ୍ରଭୋ ସଚରାଚର ପରିପାଳନନିପୁଣ ।
ତବ ନାମ ସୁଗାନହିଁ ଭବସାଗରତରଣ,
ସୁଗୁଣାଭରଣ, କର ପାପ ହରଣ ,
ଦୀନଶରଣ ନିର୍ଜ୍ଜରଗଣ ସେବ୍ୟଚରଣ । ୧ ।
ଯେତେବେଳେ ଜଗତେ ଖଳଜନ କରେ ଅତି ଅନୟ,
ତେତେବେଳେ ସବୁ ନାଶ ନ କର ଦଇତଙ୍କ ଅଭ୍ୟୁ,
ସଦୟ ହୃଦୟ କମଳାସୁନୟ
କାନ୍ତିସିନ୍ଧୁ ମଙ୍ଗଳମୟ ନନ୍ଦତନୟ । ୨ ।
ଶ୍ରୀରାଧାମୋହନରାଜ ଭୁଦଣପତି,
ଚଳିଛି ବସୁଧାଧିପ ନତି କରନ୍ତ ଏ ବିନତି,
ଅଗତିର ଗତି, ହେ ନାଥ ସୁମତି,
ସାଧୁସମିତି ସଙ୍ଗତିପ୍ରଦ ହେଉ ଭକତି ॥ ୩ ।

( ସପ୍ତମାଙ୍କ ସମାପ୍ତ )

ସମ୍ପୂର୍ଣ୍ଣ ।

—*※*—

## ଶୁଦ୍ଧିପତ୍ର ।

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୧ | ୩ | ଯଣକାର | ହୃଟକାର |
| ୭ | ୧୦ | ପୁଣ୍ଡ୍ରଶ୍ରୀକଙ୍କ | ପୁଣ୍ଡ୍ରଶ୍ରୀକଙ୍କୁ |
| ୮ | ୮ | ସର୍ବଜନବନ୍ଦନୀୟ | ସର୍ବଜନବନ୍ଦନୀୟା |
| ୧୨ | ୨ | ହସ୍ତର ମାଳା | ହସ୍ତରୁ ମାଳା |
| ୨୦ | ୧୮ | ଗ୍ରନ୍ଥଦ୍ଵବା | ଗ୍ରନ୍ଥଂଦ୍ଵବ |
| ୨୨ | ୧୩ | ମୁଁ ବସିଅଛୁ | ମୁଁ ଅଛୁ ଭ |
| ୨୭ | ୧୨ | ଉଦନ୍ତ | ଉଦନ୍ତ |
| ୨୯ | ୩ | ଯିବ ମ | ଯିବ ମୁଁ |
| ୩୦ | ୧୧ | ଗୌରବ ମନ୍ଦ ଜବର | ଗୌରବ ମନରୁ ଜବାର |
| ୩୨ | ୧୨ | ଏଣ | ଏଣୁ |
| ୩୮ | ୧୨ | ଢ଼ଲମ | ଢ଼ଲମ୍ |
| ୪୦ | ୧ | ମେଣ | ଯେଣୁ |
| ୪୧ | ୨୦ | ଚାଲ ଆଦ୍ଧ | ମହାଦେଶ୍ଵରୀ — ଚାଲ ଅଦ୍ଧ |
| ୪୪ | ୨୩ | ଅନଙ୍ଗପର | ଅନଙ୍ଗପର |
| ୪୭ | ୫ | ମନ୍ଦାକାନ୍ତା | ମନ୍ଦାକାନ୍ତା |
| ୪୭ | ୫ | ପୁଣ୍ଡ୍ରଶ୍ରୀକଙ୍କ | ପୁଣ୍ଡ୍ରଶ୍ରୀକଙ୍କୁ |
| ୪୯ | ୧୯ | ଦ୍ରୁତଗାମୀ | ଦ୍ରୁତଗାମୀ |
| ୫୪ | ୨୪ | ପୁରୁଷମାନଙ୍କ | ପୁରୁଷମାନଙ୍କୁ |
| ୫୫ | ୨୨ | ଦ୍ଵିଜୀପୃ | ଦ୍ଵିଜୀୟ |
| ୫୯ | ୧୮ | ଗ୍ଲାନି | ଗ୍ଲାନି |
| ୬୮ | ୧୨ | ମଂ | ମୁଁ |
| ୬୮ | ୧୮ | ମଁ | ମୁଁ |
| ୭୧ | ୧ | ଏହାଙ୍କ ଦର୍ଶନ | ଏହାଙ୍କୁ ଦର୍ଶନ |

| | | | |
|---|---|---|---|
| ୭୧ ... | ୨ ... | ମକ୍କଅଛୁ ... ... | ... ମକ୍କୁ ଅଛୁ |
| ୭୧ ... | ୧୦ ... | ଅନ୍ଧାରଣବନ୍ଧ ... | ... ଅନ୍ଧାରଣୀବନ୍ଧୁ |
| ୭୭ | ୧୬ ... | କାଦମ୍ ସ୍ୱାଙ୍କ ... | ... କାଦମସାଙ୍କୁ |
| ୭୯ ... | ୧୦ ... | ଲୁମାରଙ୍କ ହାର... | ... ଲୁମାରଙ୍କୁ ଦ୍ୱାର |
| ୮୦ ... | ୧୮ ... | ଚମ୍ବିବା... ... | ... ଚୁମ୍ବିବା |
| ୮୩ ... | ୧୦ ... | ଘଗ କାହିଁ ... | ... ଘଗ ଦ୍ୱାହିଦ |
| ୮୯ ... | ୨୧ ... | ହେବେ ମଁ ... | ... ହେବେ ମୁଁ |
| ୯୩ ... | ୧୨ ... | ମାରୁଥାଛ ... | ... ମାରୁଅଛ |
| ୯୪ ... | ୩ ... | ତ୍ୟାଗକଲ ? ରମ୍ୟସ୍ଥାନ ... | ତ୍ୟାଗକଲ ? ଏବ ଏ ଜଷ୍ଣ ନେତେକାଳି ଭୋଗ କରବ ? |
| ୧୦୫ ... | ୧୯ ... | ଜଷ୍ମୁରକଥା ... | ... ଜଷ୍ମୁର କଥା |
| ୧୦୬ ... | ୨୧ ... | ଚନ୍ଦକା ... | ... ଚନ୍ଦ୍ରିକା |
| ୧୦୭ ... | ୫ ... | ମଁ ଅଛହିଁ ... | ... ମୁଁ ଅଛହିଁ |
| ୧୦୯ ... | ୨ ... | ଚୋ ମଣ୍ଡରେ ... | ... ଚୋ ମୁଣ୍ଡରେ |
| ୧୧୩ ... | ୩ ... | ତାହାଙ୍କ ନେଇ... | ... ତାହାଙ୍କୁ ନେଇ |
| ୧୩୩ ... | ୨୧ ... | ସାଧସମିଢ ... | ... ସାଧୁସମିଢ |

—–୦*୦–—

1775